ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୧୪

# ଲାଲକିଲ୍ଲାରୁ ବିକଶିତ ଭାରତର ରୋଡ଼ମ୍ୟାପ

ଏଥର ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ସମ୍ବୋଧନର ଅନେକ ଅର୍ଥ ରହିଛି । ଏପରିକି ପୂର୍ବ ବର୍ଷ ମାନଙ୍କରେ ଦେଇଥିବା ସମ୍ବୋଧନ ଅପେକ୍ଷା ଏହା ଭିନ୍ନ ଥିଲା । ପ୍ରଥମତଃ ପ୍ରଧାନମନ୍ତ୍ରୀ ଏଥର ୧୦୩ମିନିଟ୍‌ର ଏକ ଲମ୍ବା ଭାଷଣ ଦେଇଥିଲେ । ତାଙ୍କ ଭାଷଣରେ ଉଦ୍‌ବୋଧନ ଏବଂ ପ୍ରଖରତା ଥିଲା । ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ୱଷ୍ଟତା ଥିଲା । ଘୋଷଣାରେ ସୂଚନା ନଥିଲେ ମଧ୍ୟ ଏକ ସ୍ୱଷ୍ଟ ଦୂରଦର୍ଶିତା, ଠୋସ୍ ଚେତାବନୀ ଏବଂ ବ୍ୟବହାରିକ ରୋଡ଼ମ୍ୟାପର ଝଲକ ଥିଲା । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ । ତାଙ୍କ ଭାଷଣରେ ଆତ୍ମନିର୍ଭରତା, ସୁରକ୍ଷା ଏବଂ ଏକତାର କଥା ଥିଲା । ୨୦୪୭ ର ବ୍ଲୁପ୍ରି□ କଥା କହିବା ସହ ଆସନ୍ତା ୨୨ବର୍ଷ ମଧ୍ୟରେ ଭାରତର ଅର୍ଥବ୍ୟବସ୍ଥା ୧୦ଟ୍ରିଲିୟନ ଡ଼ଲାରରେ ପହଂଚିବ ବୋଲି କହିଲେ । ପାକିସ୍ତାନକୁ ମଧ୍ୟ ଲାଲକିଲ୍ଲାରୁ ସ୍ୱଷ୍ଟ ଚେତାବନୀ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଭାଷଣ ପୂର୍ବର ଭାଷଣ ଠାରୁ ଭିନ୍ନ ବୋଲି କହିବାର ଅର୍ଥ ହେଉଛି ପୂର୍ବରୁ ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୫ରେ ଯେଉଁ ଭାଷଣ ଦେଉଥିଲେ ବା ଯେଉଁ ଯୋଜନା କଥା କହୁଥିଲେ ସେଇ ଯୋଜନାକୁ ୫ ରୁ ୧୦ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବା କଥା କହୁଥିଲେ । କିନ୍ତୁ ଏଥର ତାଙ୍କ ଯୋଜନା କାର୍ଯ୍ୟକାରୀ କରିବାର ଅବଧି ଆସନ୍ତା ଦୀପାବଳୀ ଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶବାସୀଙ୍କୁ ଆଗାମୀ ଦୀପାବଳୀରେ ଡ଼ବଲ ଖୁସି ମିଳିବ । ଯୁବବର୍ଗଙ୍କ ପାଇଁ ବିକଶିତ ଭାରତର ନୂଆ ରୋଜଗାର ସୃଜନ ମଧ୍ୟ ତୁରନ୍ତ ଲାଗୁ କରାଯିବ ବୋଲି କହିଥିଲେ । ଏକଥା ସତ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୈଳୀ ମନମୋହକ, ଆକର୍ଷକ ଏବଂ ଏଥର ଭାଷଣରେ ସେ 'ଦେଶ' ଶବ୍ଦକୁ ୨୦୫ଥର ବ୍ୟବହାର କରିଥିଲେ, ଆତ୍ମନିର୍ଭର ଶବ୍ଦକୁ ୨୨ଥର ଏବଂ କୃଷକ ଶବ୍ଦକୁ ୨୭ଥର ଉଚ୍ଚାରଣ କରିଥିଲେ । ରାଷ୍ଟ୍ରବାଦ ଏବଂ ସ୍ୱାବଲମ୍ବନ ତାଙ୍କ ଭାଷଣର ଦୁଇଟି ସ୍ଥାୟୀ ମୂଲ୍ୟ ଥିଲା ।



ଗୋପାଳ ମହାପାତ୍ର

ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୁର ପରେ ଦେଶବାସୀଙ୍କୁ ସମ୍ବୋଧନ କଲାବେଳେ ଯେପରି ଭାବରେ ପ୍ରତିରକ୍ଷା ଏବଂ ରାଷ୍ଟ୍ରୀୟ ସୁରକ୍ଷାର ପ୍ରସଙ୍ଗ ଉଠାଇଥିଲେ ତାହା ତାଙ୍କ ଭାଷଣର ସବୁଠାରୁ ଅଧିକ ଭାବନାତ୍ମକ ଏବଂ ଶକ୍ତିଶାଳୀ ଅଂଶ ଥିଲା । ମୋଦୀ ଭାରତର ଆଗମୀ ପିଢ଼ୀଙ୍କ ସୁରକ୍ଷା ପାଇଁ ସ୍ୱଦେଶୀ ସୁରକ୍ଷା ପ୍ରଣାଳୀ 'ସୁଦର୍ଶନ ଚକ୍ର ମିଶନ'ର ଘୋଷଣା କରିଥିଲେ । ଏହାକୁ ଇସ୍ରାଏଲର 'ଆଇରନ ଡ଼ୋମ'ର ଭାରତୀୟ ସଂସ୍କରଣ ବୋଲି କୁହାଯାଉଛି । ଏତଦ୍ ବ୍ୟତୀତ ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୁରର ଉଲ୍ଲେଖ କରି ସୈନିକଙ୍କ ଧୈର୍ଯ୍ୟକୁ ସଲାମ କରିଥିଲେ ଏବଂ ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇ ଆତଙ୍କବାଦ ଏବଂ ହିଂସାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ସିନ୍ଧୁ ଜଳ ବୁଝାବଣା ପ୍ରସଙ୍ଗରେ ସେ କରିଥିଲେ ଯେ 'ରକ୍ତ ଏବଂ ପାଣି ଏକ ସଙ୍ଗରେ କହିପାରିବନାହିଁ' । ପ୍ରଧାନମନ୍ତ୍ରୀ ଆଭ୍ୟ'ରୀଣ ସୁରକ୍ଷାକୁ ମଧ୍ୟ ଜୋର ଦେଇଥିଲେ । ତାଙ୍କ ଭାଷଣରେ 'ହାଇ ପାୱାର ଡ଼େମୋଗ୍ରାଫି ମିଶନ୍'ର ଘୋଷଣା କରିଥିଲେ । ଏହା ଅବୈଧ ପ୍ରବାସିଙ୍କ ଉପରେ ନିୟନ୍ତ୍ରଣ ଏବଂ ସଂଶାଧନକୁ ଭାରତୀୟଙ୍କ ପାଇଁ ସଂରକ୍ଷିତ କରିପାରିବ । ତାଙ୍କର ଏହି ବୟାନ ପୂର୍ବୋଦୟ ରାଜ୍ୟ ଏବଂ ପଶ୍ଚିମବଙ୍ଗଳାର ଅବୈଧ ଅନୁପ୍ରବେଶକାରୀ ଙ୍କ ଉଦ୍ଦେଶ୍ୟରେ ଥିଲା । ଅନୁପ୍ରବେଶକାରୀ ଯୋଗୁଁ ସୀମାବର୍ତ୍ତୀ ରାଜ୍ୟରେ ଜନସଂଖ୍ୟା ଅସନ୍ତୁଳନକୁ ନେଇ ମୋଦୀ ଚି'। ପ୍ରକଟ କରିବା ସହ ବିହାରର ଭୋଟର ତାଲିକା ସଂଶୋଧନ ମଧ୍ୟ ତାଙ୍କ ଭାଷଣରେ ସ୍ଥାନ ପାଇଥିଲା ।

ଭାଷଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ବିଧାନର ଗୁରୁତ୍ୱ କଥା କହିବା ସହ ଐତିହାସିକ ବ୍ୟକ୍ତିତ୍ୱ ମାନଙ୍କୁ ଶ୍ରଦ୍ଧାଂଜି ଦେଇଥିଲେ । ତାଙ୍କ ଭାଷଣରେ ଗାନ୍ଧୀ, ନେହେରୁ, ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ ଏବଂ ନେତାଜୀଙ୍କୁ ସ୍ଥାନ ମିଳିଥିଲା । କିଂ୍ତୁ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ବ୍ୟାପକ ଚର୍ଚ୍ଚା କରିବା ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବାବଦରେ ସାରଗର୍ଭକ ଭାଷଣ ଦେଇଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ ଆମ ମହାପୁରୁଷମାନଙ୍କର ଯୋଗଦାନ କେବଳ ଦେଶର ସ୍ୱାଧିନତା ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା ବରଂ ରାଷ୍ଟ୍ରୀୟ ଏକତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ତାଙ୍କ ଭାଷଣରେ ଅନେକ ଭାବନାତ୍ମକ ପ୍ରସଙ୍ଗ ଥିଲା ଓ ଭାରତର ଭାଷାଜନିତ ବିବିଧତା ଏବଂ ସାଂସ୍କୃତିକ ସ୍ଥଳର ପ୍ରସଙ୍ଗ ମଧ୍ୟ ଥିଲା । ବିଦ୍ୟୁତ୍, ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ସ୍ୱଦେଶୀ ପ୍ରୟାସ କଥା ଉଲ୍ଲେଖ ତାଙ୍କ ଭାରତକୁ ବିଶ୍ୱ ମାନଚିତ୍ରରେ ଟେକ୍‌ନିକ୍ ଏବଂ ବୈଜ୍ଞାନିକ କ୍ଷେତ୍ରରେ ଏକ ଅଗ୍ରଣୀ ଦେଶଭାବେ ସ୍ଥାପିତ କରିବା ପାଇଁ ସେ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ । ବିଶ୍ୱସ୍ତରରେ ଭାରତର ଉପଲବ୍ଧିକୁ ରେଖାଙ୍କିତ କରି ଭାରତ ନିଜର ସ୍ୱାର୍ଥରକ୍ଷା କରିବା ସହ ବିଶ୍ୱର ହିତ ସାଧନ କରିବ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ସ୍ୱଷ୍ଟ କରିଦେଇଥିଲେ ଯେ ଭାରତ ବିଶ୍ୱସ୍ତରରେ ନେତୃତ୍ୱର ଦାୟୀତ୍ୱ ନେବା ପାଇଁ ମଧ୍ୟ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ୱାବଲମ୍ବନ ପାଇଁ ଅଧିକ ପୁଁଜିନିବେଶ, ଜିଏସ୍‌ଟି ବ୍ୟବସ୍ଥାକୁ ସୁଧାରିବା ଦିଗରେ ରାଜ୍ୟମାନଙ୍କର ସହମତି ଏବଂ ରୋଜଗାର ସୃଜନ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଯୋଗାଡ଼ କରିବାର କଥା ମଧ୍ୟଥିଲା ।

ମୋଟାମୋଟି ଭାବେ ଦେଶରେ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ଯେଉଁ ଭାଷଣ ଦେଇଥିଲେ ସେଥିରେ ବିକଶିତ ଭାରତ ପାଇଁ ଏକ ସ୍ୱଷ୍ଟ ରୋଡ଼ମ୍ୟାପ ଥିଲା । ଏହାକୁ ଆଗାମୀ ଦିନରେ କେତେକ ରାଜ୍ୟରେ ହେବାକୁଥିବା ନିର୍ବାଚନ ପାଇଁ ଏକ ଆକର୍ଷକ ଦସ୍ତାବିଦ୍ ଥିଲା ବୋଲି ଅନେକ କହିପାରନ୍ତି ଓ ଯୁକ୍ତି ଦର୍ଶାଇ ପାରନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ଯେପରିଭାବେ ତାଙ୍କ ଭାଷଣରେ ମଧ୍ୟମବର୍ଗ ଏବଂ ଯୁବବର୍ଗଙ୍କ ପ୍ରସଙ୍ଗକୁ ରୋଖାଙ୍କିତ କରିଥିଲେ, ରାଷ୍ଟ୍ରୀୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ତାକୁ ଦେଖିଲେ କୁହାଯାଇପାରେ ଯେ ତାଙ୍କ ଭାଷଣ ଭାବନାତ୍ମକ ରାଷ୍ଟ୍ରବାଦ ଏବଂ ଭାରତର ଭବିଷ୍ୟତର ଏକ ମିଶ୍ରଣ ଥିଲା ।

*ରାମଚନ୍ଦ୍ରପୁର*
*ରଣପୁର*
*ମୋ.-୯୪୩୮୪୮୫୦୯୪*

# ଶୂନ ଏବଂ ଏକ ର ପ୍ରତିଫଳନ ହେଉଛି ସମଗ୍ର ବିଶ୍ୱ



ଉମା ଶଙ୍କର ପ୍ରସାଦ

ଶୂନର ଆବିଷ୍କାର ଭାରତୀୟ ବିଶେଷଜ୍ଞ କଣାଦ କରିଥିଲେ । ପୃଥିବୀରେ ସବୁ ସଭ୍ୟତାର ଲୋକମାନେ ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାର ବ୍ୟବହାର ଜାଣିଥିଲେ । ମାତ୍ର ପ୍ରଥମ ଥର ପାଇଁ ଗଣିତରେ '୦' ର ଆବିଷ୍କାର ଭାରତୀୟ ଗାଣିତିକଙ୍କ ଦ୍ୱାରା କରା ଯାଇଥିଲା । ଫଳରେ ଗଣିତର ଯୁଗାନ୍ତକାରୀ ବିକାଶ ଘଟିଥିଲା । ଗଣିତଶାସ୍ତ୍ର ଅନୁସାରେ 'ଶୂନ୍ୟ' ହେଉଛି ଏକ ସ୍ୱତନ୍ତ୍ର ସଂଖ୍ୟା । ସେଥିପାଇଂ ଇଂରାଜିରେ କୁହାଯାଏ— "Zero is the hero of Mathematics" । ଗଣିତଶାସ୍ତ୍ର ଅନୁସାରେ ଯଦି ଶୂନ୍ୟକୁ କୌଣସି ସଂଖ୍ୟାର ବାମ ପାଖରେ ଲେଖାଯାଏ ତେବେ ତାହାର ମୂଲ୍ୟ ୦ ଅପରି ବର୍ତିତ ରହେ । ଅର୍ଥାତ ଶୂନ୍ୟ କୌଣସି ଅଙ୍କର ବାମ ପାଖରେ ସଂଯୁକ୍ତ ହେଲେ ତା'ର ମୂଲ୍ୟ 'ଶୂନ' ରହେ, Null ବା Void ଅର୍ଥାତ ନଗଣ୍ୟ ବୋଲି ଧରାଯାଏ । ମାତ୍ର 'ଶୂନ' ଯଦି କୌଣସି ଅଙ୍କର ଡାହାଣ ପାର୍ଶ୍ୱରେ ସଂଯୁକ୍ତ ହୁଏ, ତେବେ ତାହାର ମୂଲ୍ୟ ବୃଦ୍ଧି ପାଏ । ଏକ ହେଉଛି ଆଦି ସଂଖ୍ୟା ବା (First natural number) । ଉପରୋକ୍ତ ଉଦାହରଣରୁ ସ୍ୱଷ୍ଟ ପ୍ରମାଣିତ ହେଲା ଯେ ଶୂନ୍ୟ ଏକ ସ୍ୱତନ୍ତ୍ର (Unique Number) ସଂଖ୍ୟା ଅଟେ । ଯଦି ଆଧାତ୍ମିକ ଦୃଷ୍ଟି କୋଣରୁ ବିବେଚନା କରାଯାଏ, ଏକ ପାର୍ଶ୍ୱରେ ଶୂନର ମୂଲ୍ୟ କିଛି ନଥିବା ବେଳେ ଅନ୍ୟ ଏକ ପାର୍ଶ୍ୱରେ ଏହାର ମୂଲ୍ୟ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଅନନ୍ତକୋଟି ବ୍ରହ୍ମାଣ୍ଡ ଅଟେ । ସେଥିପାଇଂ ଇଂରାଜୀରେ କୁହାଯାଏ " ଜିରୋ ଇଜ୍ ଦ ହିରୋ ଅଫ ଦି ଇଉନିଭର୍ଷ" । ପୃଥିବୀରେ ମହିମା ଧର୍ମୀମାନେ ଶୂନ୍ୟବାଦରେ ବିଶ୍ୱାସ କରନ୍ତି । ସେହିଭଳି ମୁସଲମାନ ଧର୍ମୀମାନେ ମଧ୍ୟ ଈଶ୍ୱରଙ୍କର ମହାଶୂନ୍ୟତା କଥା କହିଥାନ୍ତି । ପରଂବ୍ରହ୍ମ ପରମପୁରୁଷ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ମୁଖ ମଣ୍ଡଳରେ ଦୁଇଟି ଅପଲକ ନେତ୍ର ଶୋଭା ପାଇଥାଏ । ପ୍ରଭୁଙ୍କର ଦୁଇନୟନ ମଧ୍ୟରେ ନାକର ଆଭାସ ରହିଛି । ଏହାକୁ ଆଧାତ୍ମିକ ଦୃଷ୍ଟି କୋଣରୁ ବିବେଚନା କଲେ ବାମପାଖ ବୃତାକାର ନୟନଟି ଯଦି ଶୂନ୍ୟ ବା ନଗଣ୍ୟ ହୁଏ ଏବଂ ନାକର ଆଭାସ 'ଏକ' ବୋଲି ଧରାଯାଏ, ତେବେ ଡାହାଣ ପଟ ବୃ□ାକାର ନୟନଟି ଅନନ୍ତ, ଅସୀମ ବୋଲାଇଥାଏ । ଋକବେଦରେ ଭଗବାନ ସ୍ୱୟଂ କହିଚନ୍ତି' ମୁଁ ସୁକ୍ଷ୍ମାଦି ସୁକ୍ଷ୍ମ ଏବଂ ସ୍ଥୁଳାଦି ସ୍ଥୁଳ" । ଅର୍ଥାତ ଏ ଅନନ୍ତକୋଟି ବ୍ରହ୍ମାଣ୍ଡରେ ଯେତେ ଜୀବ ଅଛନ୍ତି, ସମସ୍ତିଙ୍କ ଶରୀରରେ ଭଗବାନ ସୁକ୍ଷ୍ମ ରୂପରେ ଆତ୍ମା ହୋଇ ରହିଛନ୍ତି । ଆତ୍ମା ହେଉଛି ଅବିନ୍ୟାଶୀ, ଯାହାର ବିନାଶ ନାହିଁ । ଗୀତାରେ ଭଗବାନ ନିଜେ ଅର୍ଜୁନଙ୍କୁ କହିଛନ୍ତି " ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ । ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ" । ଅର୍ଥାତ ଆତ୍ମା ଯାହାକି ପରମାତ୍ମାଙ୍କର ଅଂଶବିଶେଷ, ତାହା ଅସ୍ତ୍ରରେ ଛିଡେ ନାହିଁ, ଅଗ୍ନିରେ ଭସ୍ମ ହୁଏନାହିଁ, ଜଳ ଏହାକୁ ଭିଜାଇ ପାରେନାହିଁ ଓ ବାୟୁ ଏହାକୁ ଶୁଖାଇ ପାରେନାହିଁ । ସେ ହେଉଛି ଅମର ଆତ୍ମା । ଏହି ଆତ୍ମା ଏତେ କ୍ଷୁଦ୍ର ଏତେ କ୍ଷୁଦ୍ର ହୋଇପାରେ ଯେ ଯାହା ଛୋଟ ପରମାଣୁ ମଧ୍ୟରେ ଥିବା 'ଈଶ୍ୱର କଣିକା' (God Particle) ଭଳି । ପୁନରାୟ ଏହା ଏତେ ବିସ୍ତୃତ ହୋଇପାରେ, ଯାହାକି ସ୍ୱୟଂ ପରମବ୍ରହ୍ମ ସଦୃଶ

ଗାଣିତିକ ସଂଖ୍ୟା 'ଶୂନ' ଏବଂ 'ଏକ' କୁ ଆଧାତ୍ମିକ ଭାବ ଧାରାରେ ପ୍ରକୃତି ଓ ପୁରୁଷ ରୂପେ ବର୍ଣ୍ଣନା କରାଯାଏ । ଜୀବମାନଙ୍କର ପୁରୁଷ ଶୁକ୍ରାଣୁ ଦେଖିବା ପାଇଁ ଏକ ସଦୃଶ ଏବଂ ସ୍ତ୍ରୀର ଡିମ୍ବାଣୁ ଦେଖିବା ପାଇଁ ଶୂନ୍ୟ ସଦୃଶ, ଯାହାର ମିଳନରେ ଜୀବନ ସୃଷ୍ଟି ହୋଇଥାଏ । ତେଣୁ 'ଶୂନ୍ୟ' ଏବଂ 'ଏକ'ର ମିଳନରେ ସାରା ଜଗତର ସୃଷ୍ଟି । ସେହିପରି ଗଣିତରେ ଶୂନ ଏବଂ ଏକର ପ୍ରତିଫଳନ ସମଗ୍ର ବିଶ୍ୱ ଅଟେ । ' The reflection of '୦' & '୧' is the whole Universe' ।

*ଖୋର୍ଦ୍ଧା*
*ସ୍ତମ୍ଭକାର( ୬୩୭୦୬ ୭୫୫୬୨)*

# ଅସ୍ତ୍ରଶସ୍ତ୍ର ପ୍ରତିଯୋଗତାର ଚେତାବନୀ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦୁର୍ଭାଗ୍ୟଜନକ ଯେ, ଏହା ହେଉଛି ଯୁଦ୍ଧର ଯୁଗ । ଏବେ ୟୁକ୍ରେନ-ରୁଷ ଯୁଦ୍ଧ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବାବେଳେ ଇସ୍ରାଏଲ-ହମାସ ଯୁଦ୍ଧ ଦୁଇ ବର୍ଷରୁ ଅଧିକ ସମୟ ଲାଗିଲାଣି । ୟୁକ୍ରେନରେ ରୁଷ ଓ ଗାଜାରେ ଇସ୍ରାଏଲ ଗଣସଂହାର ଚଳାଇଛି । ଆକ୍ରମଣରୁ ବିଦ୍ୟାଳୟ, ଡାକ୍ତରଖାନା, ଶରଣାର୍ଥୀ ଶିବିର, ରିଲିଫ ଶିବିର ବାଦ ପଡୁନାହିଁ । କେବଳ ଏହି ଦୁଇ ଦେଶ ନୁହେଁ, ବିଶ୍ୱର ବହୁ ସ୍ଥାନ ଏବେ ଉତେଜନାର କ୍ଷେତ୍ରରେ ପରିଣତ ହୋଇଛି । ଇସ୍ରାଏଲ ଯୋଗୁଁ ସମଗ୍ର ଦକ୍ଷୀଣ-ପୂର୍ବ ଏସିଆ ଅଶାନ୍ତ ହୋଇପଡିଛି । ରାଷ୍ଟ୍ର-ରାଷ୍ଟ୍ର, ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବିବାଦ ଏବେ ମୃତ୍ୟୁ ଓ ଧ୍ୱଂସର କାରଣ ପାଲଟିଛି । ଯାହାକି ମାନବ ସମାଜ ପାଇଁ କେବଳ ଦୁଃଖଦ ନୁହେଁ, ବିପର୍ଯ୍ୟାୟର କାରଣ ପାଲଟିଛି । ଧନୀ ହେଉ ଅବା ଗରିବ ରାଷ୍ଟ୍ର ହେଉ ଉଭୟଙ୍କର ପ୍ରତିରକ୍ଷା ବ୍ୟୟ ଜନ ହିତକର ଯୋଜନା ଏବଂ ଉନ୍ନୟନ କାର୍ଯ୍ୟର ବ୍ୟୟ ଅଟକଳକୁ ଟପିଗଲାଣି । ଏଥିଲାଗି ଗରିବ ରାଷ୍ଟ୍ରଗୁଡ଼ିକର ଋଣ ଭାର କେବଳ ବୃଦ୍ଧି ପାଇନାହିଁ, ଆର୍ଥୀକ ପରିସ୍ଥିତି ଉପରେ ଭୟଙ୍କର ଚାପ ମଧ୍ୟ ପକାଉଛି । ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ରେ ସମଗ୍ର ବିଶ୍ୱରେ ମୋଟ ସାମରିକ ବ୍ୟୟ ୨.୭ ଟ୍ରିଲିଅନ ଡଲାର ଥିବା ଆକଳନ କରାଯାଇଛି । ୧୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ଗଲା ବର୍ଷ ସେମାନଙ୍କର ପ୍ରତିରକ୍ଷା ବ୍ୟୟ ଅଟକଳ ବୃଦ୍ଧି କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ୨୦୨୪ରେ ପ୍ରତିରକ୍ଷା ବଜେଟରେ ବ୍ୟୟ ଅଟକଳ ୯୯୭ ବିଲିଅନ ଡଲାର ଥିବାବେଳେ ବିଶ୍ୱରେ ପ୍ରତିରକ୍ଷା ସର୍ବାଧିକ ଅର୍ଥ ବିନିଯୋଗ କରିଥିବା ୫ଟି ରାଷ୍ଟ୍ର ମଧ୍ୟରେ ଭାରତ ଓ ଚୀନ ଥିବା କୁହାଯାଇଛି । ଉନ୍ନୟନ ଏବଂ ଜନହିତକର ଯୋଜନାରୁ ଅର୍ଥକୁ ସାମରିକ ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟରେ ବିନିଯୋଗ କରିବା ଏବେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରଙ୍କର ଲକ୍ଷ୍ୟ, ନୀତିରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । ତେଣୁ ଜନହିତକର ଯୋଜନା ତଥା ଦାରିଦ୍ର୍ୟ ଦୂରିକରଣ, ଅପପୁଷ୍ଟି ନିରାକରଣ, କ୍ଷୁଧା ନିରାକରଣ ଆଦି ଲକ୍ଷ୍ୟ ଠାରୁ ରାଷ୍ଟ୍ରଗୁଡ଼ିକ ଦୂରେଇ ଯାଇଛନ୍ତି । ଉଦାହରଣ ସ୍ୱରୂପ ବିଶ୍ୱରେ ସାମରିକ କ୍ଷେତ୍ରରେ ବିଶେଷ କରି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା କିଣାଯାଉଥିବା ମୋଟ ଅର୍ଥର କେବଳ ୧୦ଭାଗ ବିଶ୍ୱରୁ ୫ବର୍ଷ ମଧ୍ୟରେ ଦାରିଦ୍ର୍ୟ ଦୂରିକରଣ କରିପାରିବ । ସେହିପରି ୩ପ୍ରତିଶତ ଅର୍ଥ ୫ବର୍ଷ ମଧ୍ୟରେ କ୍ଷୁଧା ଦୂର କରିବାରେ ସମର୍ଥ ହେବ । ଆହୁରି ମଧ୍ୟ ସାମରିକ ବ୍ୟୟର ୫ପ୍ରତିଶତ ଅର୍ଥରେ ୫ବର୍ଷ ମଧ୍ୟରେ ସମଗ୍ର ବିଶ୍ୱକୁ ଅପପୁଷ୍ଟି ମୁକ୍ତ କରାଯାଇପାରିବ ବୋଲି ଜାତିସଂଘ କହିଛି । ଅନ୍ୟପକ୍ଷରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା କିଣିବାରେ ଦେଶଗୁଡ଼ିକର ଅତ୍ୟଧିକ ଆସକ୍ତି ଯୋଗୁଁ ଭବିଷ୍ୟତରେ ବିଶ୍ୱକୁ ପାନୀୟଜଳ, ପରିମଳ, ଶିକ୍ଷା, ଲିଙ୍ଗଗତ ଅସମାନତା ଏବଂ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମ ବିଶ୍ୱକୁ ଭୋଗିବାକୁ ପଡିବ ବୋଲି ରିପୋର୍ଟରେ କଡା ଚେତାବନୀ ଦିଆଯାଇଛି । ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରୁ ସାଂପ୍ରତିକ ସମୟରେ ଦେଶ-ଦେଶ ମଧ୍ୟରେ ଶତୃତା, ଆକ୍ରମଣ ଏବଂ ସମ୍ପର୍କରେ ବିଭ୍ରାଟର ସଂକେତ ପ୍ରଦାନ କରେ । ଯୁଦ୍ଧ ବିଭିଷିକା କେବଳ ମୃତ୍ୟୁ ଓ ଧ୍ୱଂସର ତାଣ୍ଡବ ସୃଷ୍ଟି କରିବନାହିଁ, ଗଣତନ୍ତ୍ରକୁ ଦୁର୍ବଳ, ସ୍ୱେଚ୍ଛାଚାରୀ ଶାସକଙ୍କ ଆବିର୍ଭାବ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆସ୍ଥା-ବିଶ୍ୱାସ ହ୍ରାସ, ଅସମାନତା ବୃଦ୍ଧି ଏବଂ ମୂଲ୍ୟବୋଧର ବିନାଶର କାରଣ ହେବ । ସେହିପରି ବଂଚିବା ପାଇଁ ମୌଳିକ ଶିକ୍ଷା, ନୀତି ତଥା ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟାଇବ । ଅର୍ଥନୈତିକ-ସାମାଜିକ ଆବଶ୍ୟକତାଠାରୁ ରାଷ୍ଟ୍ର ଦୂରେଇ ଯିବ । ଲୋକଙ୍କ କଲ୍ୟାଣ, ବିକାଶ ପାଇଁ ବିଶ୍ୱ ଅସ୍ତ୍ରଶସ୍ତ୍ର ନୁହେଁ ଜନହିତକର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଅନ୍ୟଥା ମୃତ୍ୟୁ ଓ ଧ୍ୱଂସ ହିଂସାର ସାର ହେବ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# କର୍ଣ୍ଣାଟକ ସରକାରଙ୍କ ବିବାଦୀୟ ବିଧେୟକ ଓ ତୁଷ୍ଟୀକରଣ ନୀତି



ଡ. ସମନ୍ୱୟ ନନ୍ଦ

କର୍ଣ୍ଣାଟକର ସିଦ୍ଧାରମେୟାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଦ୍ୱାରା ରୋହିତ ବେମୁଲା ବିଲକୁ ପାରିତ କରିବାକୁ ପ୍ରୟାସରତ ଅଛନ୍ତି । ଏହି ବିବାଦୀୟ ବିଲକୁ ନେଇ ଦେଶରେ ବିତର୍କ ଆରମ୍ଭ ହୋଇଯାଇଛି । ଏହି ବିବାଦୀୟ ବିଲ ପଛର ରହସ୍ୟ କଣ ଓ ଏହାର ଅସଲ ଉଦ୍ଦେଶ୍ୟ କଣ ସେ ସମ୍ପର୍କରେ ଆମେ ଏହି ଲେଖାରେ ବିଶ୍ଳେଷଣ କରିବା ।

ଏହି ବିଲ ଉପରେ ଆଲୋଚନା କରିବା ପୂର୍ବରୁ ଆମେ ଇତିହାସର ପୃଷ୍ଠାକୁ ଓଲଟାଇବା । ଏହି ଇତିହାସ ସେତେଟା ପୁରୁଣା ନୁହେଁ । ନରେନ୍ଦ୍ର ମୋଦୀ ସରକାର କ୍ଷମତାରେ ଆସିବାର ପୂର୍ବର ଇତିହାସ । ସେତେବେଳେ ମନମୋହନ ସିଂହ ଦେଶର ପ୍ରଧାନମନ୍ତ୍ରୀ ଥିଲେ । ତେବେ କ୍ଷମତାର ପ୍ରକୃତ ଡୋରି କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କ ହାତରେ ଥିଲା । ସେତେବେଳେ ସୋନିଆ ଗାନ୍ଧୀ ଏକ ସମାନ୍ତରାଳ କ୍ଷମତା କେନ୍ଦ୍ର ସୃଷ୍ଟି କରି ତାର ଅଧ୍ୟକ୍ଷା ଥିଲେ । ଏହି କ୍ଷମତା କେନ୍ଦ୍ରର ନାମ ଥିଲା ରାଷ୍ଟ୍ରୀୟ ପରାମର୍ଶଦାତା ସମିତି ଅଥବା ଏନଏସି । ଏହି ସମିତିର ସଦସ୍ୟ ମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ଯାଦବ, ହର୍ଷ ମନ୍ଦର ପରି ବ୍ୟକ୍ତିବିଶେଷ ମାନେ ଥିଲେ । ସେତେବେଳେ ସୋନିଆ ଗାନ୍ଧୀଙ୍କ ନେତୃତ୍ୱାଧୀନ ଓ ଯୋଗେନ୍ଦ୍ର ଯାଦବ, ହର୍ଷ ମନ୍ଦରଙ୍କ ସଦସ୍ୟମାନଙ୍କ ଦ୍ୱାରା ଏକ ନୂତନ ଆଇନ ପ୍ରଣୟନ ପାଇଁ ଡ୍ରାଫ୍ଟ କରା ଯାଇଥିଲା । ଯଦି ସେହି ଡ୍ରାଫ୍ଟ ସେତେବେଳେ ଆଇନରେ ପରିଣତ ହୋଇଥାନ୍ତା ସେତେବେଳେ କୌଣସି ସ୍ଥାନରେ ହିଂସା ହେଲେ ହିନ୍ଦୁ ମାନଙ୍କୁ ଦୋଷୀ ବୋଲି ସ୍ୱୀକାର କରାଯାଇଥାନ୍ତା । କୌଣସି ଦଙ୍ଗାଗ୍ରସ୍ତ ଅଂଚଳରେ ହିନ୍ଦୁ ପୀଡିତ ହେଲେ ସୁଦ୍ଧା ସେମାନଙ୍କୁ ଦୋଷୀ ବୋଲି ଧରା ଯାଇଥାନ୍ତା । ମାତ୍ର ସେତେବେଳେ ଏହି ପ୍ରସ୍ତାବିତ ଆଇନକୁ ପ୍ରବଳ ବିରୋଧ ହୋଇଥିଲା । ଏହି କାରଣରୁ କଂଗ୍ରେସ ସରକାର ଏହାକୁ ଆଇନରେ ପରିଣତ କରି ପାରି ନ ଥିଲେ । ଏବେ କର୍ଣ୍ଣାଟକ ସରକାର ଦ୍ୱାରା ପ୍ରସ୍ତାବିତ ରୋହିତ ବେମୁଲା ବିଧେୟକରେ ସେହିଭଳି ବ୍ୟବସ୍ଥା ମାନ ରହିଛି । ଏହି ବିଧେୟକର ଘୋଷିତ ଉଦ୍ଦେଶ୍ୟ ଏସସି-ଏସଟି-ଓବିସି ଓ ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ରଙ୍କୁ ସାମାଜିକ- ଆର୍ଥିକ ଓ ଧାର୍ମିକ ପୃଷ୍ଠଭୂମି ଆଧାରରେ ହେଉଥିବା ଅନ୍ୟାୟ ବିରୁଦ୍ଧରେ ସଂରକ୍ଷଣ ପ୍ରଦାନ କରିବା ରହିଛି । କିନ୍ତୁ ଏହାର ବାସ୍ତବିକତା ଘୋଷିତ ଉଦ୍ଦେଶ୍ୟ ଠାରୁ ସମ୍ପୂର୍ଣ ଭିନ୍ନ । ଏଥିରେ ଅନୁସୂଚିତ ଜାତି, ଜନଜାତି ଓ ଓବିସି ବର୍ଗର ଛାତ୍ର ଛାତ୍ରୀ ମାନଙ୍କର ସୁରକ୍ଷା କଥା କୁହା ଯାଇଥିଲେ ସୁଦ୍ଧା ବାସ୍ତବରେ ଏହାର ଲକ୍ଷ୍ୟ ମୁସଲମାନ ମାନଙ୍କର ତୁଷ୍ଟିକରଣ କରିବା ।

ଏବେ ସ୍ୱାଧୀନତା ପୂର୍ବର ଇତିହାସ ଉପରେ ଦୃଷ୍ଟିପାତ କରିବା । ଦେଶ ସ୍ୱାଧୀନ ହେବା ପୂର୍ବରୁ କଂଗ୍ରେସରେ ସମସ୍ତ ବିଚାରଧାରାର ଲୋକ ମାନେ ସାମିଲ ଥିଲେ । କଂଗ୍ରେସର ଅଧିବେଶନରେ ରାଜନୈତିକ ପ୍ରସ୍ତାବ ପାରିତ କରାଯିବା ସହ ସାମାଜିକ ପ୍ରସ୍ତାବ ମାନ ମଧ୍ୟ ପାରିତ କରାଯାଉଥିଲା । ଛୁଆଁ- ଅଛୁଆଁ ଭେଦ ଭାବ ପରି ବିଷୟ କିଭଳି ସମାଜକୁ ବିଭାଜିତ କରୁଛି ଓ ଦେଶର ଏକତା ପାଇଁ କିଭଳି ବ୍ୟାଘାତ ସୃଷ୍ଟି କରୁଛି ସେ ନେଇ ମଧ୍ୟ ସାମାଜିକ ପ୍ରସ୍ତାବ ପାରିତ କରାଯାଉଥିଲା । ହେଲେ ପୁଣେ ଅଧିବେଶନ ସମୟରେ କଂଗ୍ରେସର ନେତା ମାନେ କହିଲେ ଯେ ସାମାଜିକ ବିଷୟ ଆଲୋଚନା କରାଯିବା ଦ୍ୱାରା ସମାଜରେ ବିଭାଜନ ହେଉଛି ଯେଉଁ କାରଣରୁ ଦେଶକୁ ଏକାଠି କରି ସ୍ୱାଧୀନ କରିବାରେ ଅନ୍ତରାୟ ସୃଷ୍ଟି ହେଉଛି । ତେଣୁ ସାମାଜିକ ବିଷୟ ଉପରେ ଆଲୋଚନା ନ କରାଯାଇ କେବଳ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହେବ ।

ସେତେବେଳେ ବାବା ସାହେବ ଆମ୍ବେଡକର ଏହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ମୋର ଦୃଢ ମତ ଯେ ଦେଶର ଉନ୍ନତି କରିବା କଂଗ୍ରେସର ଲକ୍ଷ୍ୟ ନୁହେଁ ବରଂ କ୍ଷମତା ହାସଲ କରିବା ହିଁ କଂଗ୍ରେସର ମୂଳ ଲକ୍ଷ୍ୟ । ବାବା ସାହେବ ଆମ୍ବେଡକର ଜଣେ ଦୂର ଦ୍ରଷ୍ଟା ଥିଲେ । ସେ କଂଗ୍ରେସ ଦଳର ନେତା ମାନଙ୍କର କ୍ଷମତାଲିପ୍ସାକୁ ଭଲ ଭାବେ ଦେଖି ପାରୁଥିଲେ । ବାବା ସାହେବ ଆମ୍ବେଡକରଙ୍କର ଏହି ବକ୍ତବ୍ୟ ସେତେବେଳେ ସତ୍ୟ ପ୍ରମାଣିତ ହେଲା ଯେତେବେଳେ କଂଗ୍ରେସ ଭାରତର ବିଭାଜନର ପ୍ରସ୍ତାବକୁ ଅନୁମୋଦନ ଦେଇଥିଲା । ବାବା ସାହେବ ଯାହା ପୂର୍ବରୁ କହିଥିଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହେଲା । କଂଗ୍ରେସ ଦଳ ଯଦି ଚାହିଁ ଥାନ୍ତା ତେବେ ଦେଶର ବିଭାଜନକୁ ରୋକା ଯାଇ ପାରି ଥାନ୍ତା । କିନ୍ତୁ କ୍ଷମତା ପାଇବାର ମୋହରେ କଂଗ୍ରେସ ନେତା ମାନେ ଦେଶର ବିଭାଜନ କରିବାକୁ ସ୍ୱୀକାର କରି ନେଲେ । ପରବର୍ତ୍ତୀ ସମୟରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଜବାହର ଲାଲ ନେହେରୁ ମଧ୍ୟ ଏହି କଥାକୁ ସ୍ୱୀକାର କରିଥିଲେ । ସେ କହିଥିଲେ ଯେ ଦେଶର ବିଭାଜନକୁ ଅଟକା ଯାଇ ପାରିଥାନ୍ତା । ହେଲେ ଏଥିରେ ଭାରତ ସ୍ୱାଧୀନ ହେବାରେ ଆଉ କିଛି ବର୍ଷ ଲାଗି ଯାଇଥାନ୍ତା । ତାଙ୍କର ଏହି କଥାରୁ ସ୍ୱଷ୍ଟ ହେଉଛି ଯେ ଦେଶର ବିଭାଜନକୁ ରୋକା ଯାଇ ପାରି ଥାନ୍ତା । ହେଲେ ଏପରି କରିବା ଦ୍ୱାରା ଦେଶ ସ୍ୱାଧୀନ ହେବାରେ ଆଉ କିଛି ବର୍ଷ ଲାଗିଥାନ୍ତା ଓ ତାଙ୍କର କ୍ଷମତା ପ୍ରାପ୍ତି କରିବାରେ ବିଳମ୍ବ ହୋଇଥାନ୍ତା । ତେଣୁ କଂଗ୍ରେସ ଦଳ ପାଇଁ ଶୀଘ୍ର କ୍ଷମତା ହାସଲ କରିବା ଅଧିକ ଆବଶ୍ୟକ ଥିଲା , ଦେଶର ବିଭାଜନକୁ ରୋକିବା ତାଙ୍କ ଅଗ୍ରାଧିକାରରେ ନ ଥିଲା । ଦେଶ ବିଭାଜନ ବେଳେ ବାବା ସାହେବଙ୍କ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଥିଲା । ସ୍ୱାଧୀନତା ପାଇବା ପରେ ମଧ୍ୟ ବାବା ସାହେବଙ୍କ ଭବିଷ୍ୟତବାଣୀ ବାରମ୍ବାର ସତ୍ୟ ପ୍ରମାଣିତ ହୋଇ ଆସିଛି । କଂଗ୍ରେସ ଦଳର ମୁସଲମାନ ତୁଷ୍ଟିକରଣ ପାଇଁ ଭାରତ ବିଭାଜନ ହୋଇଥିଲା । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ କଂଗ୍ରେସ କ୍ଷମତା ହାସଲ କରିବାକୁ ବାରମ୍ବାର ମୁସଲମାନ ତୁଷ୍ଟିକରଣକୁ ନିଜର ପ୍ରମୁଖ ଆୟୁଧ କରି ଆସିଛି । ଦେଶର କ୍ଷତି ତାଙ୍କ ପାଇଁ ଆଦୌ ଗୁରୁତ୍ୱ ରଖେ ନାହିଁ । ତୁଷ୍ଟିକରଣ କରି ଦେଶର କ୍ଷତି ସାଧନ ସତ୍ୱେ କଂଗ୍ରେସ କ୍ଷମତା ହାସଲ କରିବାକୁ ବାରମ୍ବାର ଚେଷ୍ଟା କରି ଆସିଛି । ସ୍ୱାଧୀନ ଭାରତର ଇତିହାସରେ ଏହାର ଅନେକ ଉଦାହରଣ ଆମେ ଦେଖିବାକୁ ପାଇବା । କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ମୁସଲମାନମାନଙ୍କର ତୁଷ୍ଟିକରଣ କରିବାକୁ ଜାଣି ଶୁଣି ମାଇନରିଟି ଶବ୍ଦକୁ ବିଧେୟକରେ ଯୋଡା ଯାଇଛି । ଏପରି କରି କଂଗ୍ରେସ ଦଳ ଭାରତରେ ମୁସଲମାନ ମାନଙ୍କୁ 'ଶୋଷିତ' ବୋଲି ବର୍ଗୀକରଣ କରିବା ସହ ହିନ୍ଦୁ ମାନଙ୍କୁ 'ଶୋଷକ' ବୋଲି ପ୍ରମାଣିତ କରିବାକୁ ଅପଚେଷ୍ଟା କରିଛି । ଏହା ଠାରୁ ଅଧିକ କ୍ରୁର ଉପହାସ କଣ ବା ହୋଇ ପାରେ । ମୁସଲମାନ ତୁଷ୍ଟିକରଣ କାରଣରୁ କଂଗ୍ରେସ ଦୀର୍ଘ ଦିନ ଧରି ମୁସଲମାନ ମାନଙ୍କର ଭୋଟ ହାସଲ କରି କ୍ଷମତା ହାସଲ କରିବାରେ ସଫଳ ହେଉଥିଲା । ହେଲେ ପରବର୍ତ୍ତୀ ସମୟରେ ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ ଓ ଅନ୍ୟ ରାଜନୈତିକ ଦଳ ମାନେ ମୁସଲମାନ ମାନଙ୍କର ଭୋଟ ପାଇବାରେ ସଫଳ ହେବାରେ ଲାଗିଲେ । ଏହାର ଦୁଷ୍ପରିଣାମ ସ୍ୱରୂପ କଂଗ୍ରେସ ଧୀରେ ଧୀରେ କ୍ଷମତାରୁ ଦୂର ହେବାରେ ଲାଗିଲା । ତେଣୁ ସୋନିଆ ଗାନ୍ଧୀଙ୍କ କଂଗ୍ରେସ ଏବେ ପୁଣି ଥରେ ସେହି ତୁଷ୍ଟିକରଣର ଜୋରଦାର ଖେଳ ଆରମ୍ଭ କରିଛନ୍ତି । କଂଗ୍ରେସ ଦଳର ନେତୃବୃନ୍ଦ ଭଲ ଭାବେ ଜାଣିଛି ଏହି ବିଧେୟକ ଆଇନରେ ପରିଣତ ହେଲେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିବାଦ ହେବ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିବାଦ ବଢିବ । ଏହା ଦ୍ୱାରା ଶୈକ୍ଷଣିକ ବାତାବରଣ ଖରାପ ହେବ । ଏହା ସତ୍ୱେ ସେମାନେ ଏହି ବିବାଦୀୟ ବିଲକୁ ପାରିତ କରିବାକୁ ଅଗ୍ରସର ହେଉଛନ୍ତି । କାରଣ ସମାଜରେ କୌଣସି ପ୍ରକାର ଅଶାନ୍ତି ନ ହେଉ ଏହା ଚିନ୍ତା କରିବାକୁ ସେମାନେ ଚାହାନ୍ତି ନାହିଁ । ସେମାନେ ଜାଣନ୍ତି ଯେ ଏହା ଦ୍ୱାରା ଶୈକ୍ଷଣିକ ଅନୁଷ୍ଠାନରେ ଅଶାନ୍ତି ହୋଇ ଯେଉଁ ବିଷ ବାହାରିବ ସେହି ବିଷରୁ ଦଳକୁ ରାଜନୈତିକ ଲାଭ ହେବ । ଏହା ଜରିଆରେ କଂଗ୍ରେସ କ୍ଷମତାକୁ ଫେରି ପାରିବ । ସ୍ୱାଧୀନତା ପୂର୍ବରୁ ବାବା ସାହେବ ଆମ୍ବେଡକରଙ୍କର ବକ୍ତବ୍ୟ ସଠିକ ବୋଲି ପ୍ରମାଣିତ ହୋଇଥିଲା । ଆଜି ଏତେ ବର୍ଷ ପରେ ମଧ୍ୟ ବାବା ସାହେବଙ୍କ ବକ୍ତବ୍ୟ ସଠିକ ବୋଲି ପ୍ରମାଣିତ ହେଉଛି ।

# ଡାଇରେକ୍ଟ ଆକ୍ସନ ଡେ, ନୋଆଖାଲୀ ନରସଂହାରର ଲୁଚାଯାଇଥିବା ସତ ଓ ବେଙ୍ଗଲ ଫାଇଲ୍ସ

ଡ. ସମନ୍ୱୟ ନନ୍ଦ

କୁହାଯାଏ ଯେ ଇତିହାସକୁ ଯଦି ଆମେ ନ ଜାଣିବା ତେବେ ଇତିହାସ ପୁଣି ଥରେ ଦୋହରାଇଥାଏ । ହେଲେ ଯଦି ଇତିହାସକୁ ଷଡଯନ୍ତ୍ରପୂର୍ବକ ଯୋଜନାବଦ୍ଧ ଭାବେ ଲୁଚାଇ ଦିଆଯାଏ ବା ଇତିହାସର ସତ୍ୟତାକୁ ଢାଙ୍କି ଦିଆଯାଏ ତେବେ କଣ ଇତିହାସର ବାସ୍ତବିକତାକୁ କେବେ ଆମେ ଜାଣି ପାରିବା ? ଦୁର୍ଭାଗ୍ୟର ବିଷୟ ଯେ ଭାରତରେ ସ୍ୱାଧୀନତା ପର ଠାରୁ ଏହା ହିଁ ହୋଇ ଆସିଛି । ଦେଶ ବିଭାଜନ ଓ ହିନ୍ଦୁ ମାନଙ୍କ ପ୍ରତି ହୋଇଥିବା ବର୍ବରତାର କାହାଣୀକୁ ଜାଣିଶୁଣି ଗଙ୍ଗା- ଯମୁନୀ ତହଜିବ ନାମରେ ସୁନିୟୋଜିତ ଭାବେ ଲୁଚା ଯାଇଛି । ଯାହା ଫଳରେ ଅଧିକାଂଶ ଭାରତୀୟଙ୍କୁ ବିଶେଷ ଭାବେ ନୂତନ ପୀଢିର ପିଲା ମାନେ ବର୍ବରତାର କାହାଣୀ ସମ୍ପର୍କରେ ସମ୍ପୂର୍ଣ ଅଜ୍ଞ । ହଜାର ହଜାର ବର୍ଷର ସଭ୍ୟତାକୁ ନିଜ କୋଳରେ ଖେଳାଇଥିବା ଭାରତ ମାତାର ବିଭାଜନ ପଛର ଖଳନାୟକ ଓ ପ୍ରତୀକାତ୍ମକ ଭାବେ କୋଲକାତା ଓ ନୋଆଖାଲିରେ ହିନ୍ଦୁ ମାନଙ୍କର ନରସଂହାରର ବର୍ବର ଓ ଲୋମହର୍ଷଣକାରୀ କାହାଣୀକୁ ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ବେଙ୍ଗଲ ଫାଇଲ୍ସରେ ଦର୍ଶାଇଛନ୍ତି । ଏହି ଫିଲ୍ମ କେବଳ ଯେ ଇତିହାସ ଉପରୁ ପରଦା ଉଠାଉ ନାହିଁ ବରଂ ୧୯୩୦-୪୦ ଦଶକରେ ଯେଭଳି ଭାବେ ଭାରତ ବିଭାଜନ ପାଇଁ ପ୍ରସ୍ତୁତି କରାଯାଇ ସ୍ଥିତି ଉତ୍ପନ୍ନ କରାଯାଇଥିଲା ଆଜି ମଧ୍ୟ ସେହି ସମାନ ସ୍ଥିତି ଉତ୍ପନ୍ନ କରାଯାଉଛି ତାକୁ ମଧ୍ୟ ଦର୍ଶାଇଛନ୍ତି । ଏହି ଫିଲ୍ମ ଲୁଚାଯାଇଥିବା ଇତିହାସକୁ ଲୋକଙ୍କୁ ଜଣାଇବା ସହ ଭବିଷ୍ୟତ ପାଇଁ ମଧ୍ୟ ଚେତାବନୀ ପ୍ରଦାନ କରୁଛି । ସେତେବେଳେ କିଭଳି ଦେଶର ନେତା ବୋଲାଉଥିବା କିଛି ଲୋକ ଦିଲ୍ଲୀରେ ବସି ସାରା ଦେଶର ଲୋକ ମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରି ଦେଲେ ଓ ଏହି କାରଣରୁ କିଭଳି ଲକ୍ଷ ଲକ୍ଷ ଲୋକଙ୍କ ବର୍ବରତାର ସହ ହତ୍ୟା ହେଲା ତାହାକୁ ସ୍ୱଷ୍ଟ କରୁଛି । ତତ୍କାଳୀନ ବଙ୍ଗର ମୁଖ୍ୟମନ୍ତ୍ରୀ ସୁହରାବର୍ଦ୍ଦୀ, ମୋହମ୍ମଦ ଅଲି ଜିନ୍ନାଙ୍କର ଡାଇରେକ୍ଟ ଆକ୍ସନ ଡେ ଆହ୍ୱାନ ପରେ ଦୁଇ ଦିନ ପାଇଁ କୋଲକାତା ସହରରୁ ମୁସଲିମ ଲିଗର ଗୁଣ୍ଡା ମାନଙ୍କ ହାତରେ ଛାଡି ଦେବାର ସମସ୍ତ ବ୍ୟବସ୍ଥା କରିଥିଲା । ଅଗଷ୍ଟ ୧୬ ତାରିଖ ଦିନ କଲିକତାରେ ଯାହା ହେଲା ତାହା ଅବର୍ଣନୀୟ । ଏହା କଲିକତା ଜନସଂହାର ନାମରେ ଖ୍ୟାତ । ଏହି ଜଘନ୍ୟ ଜନସଂହାର ପାଇଁ ମଂଚ ସ୍ୱୟଂ ବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୁହାରବର୍ଦ୍ଦୀ ତିଆରି କରିଥିଲା । କଲିକତା ଓ ଏହାର ଆଖପାଖ ଅଂଚଳରେ ବଛା ବଛା ଗୁଣ୍ଡା ମାନଙ୍କୁ ଏକାଠି କରି ଯାଇଥିଲା । ତାଙ୍କୁ ଆଗ୍ନେୟାସ୍ତ୍ର ଓ ଅନ୍ୟ ଅସ୍ତ୍ର ଶସ୍ତ୍ର ପ୍ରଦାନ କରା ଗଲା । ପେଟ୍ରୋଲର ଅଭାବ ହେବା କାରଣରୁ ସେମାନଙ୍କୁ ପେଟ୍ରୋଲର ରାସନ କୁପନ ବିନା ମୂଲ୍ୟରେ ପ୍ରଦାନ କରା ଯାଇଥିଲା । ହାଓଡାର ଗୁଣ୍ଡା ମାନଙ୍କର ସମୂହର ନେତୃତ୍ୱ କଲିକତାର ତତ୍କାଳୀନ ମେୟର ଶରିଫ ଖାଁ ସମ୍ଭାଳିଥିଲା । ୨୪ ପୋଲିସ ମୁଖ୍ୟାଳୟ ମଧ୍ୟରୁ ୨୨ଟିରେ ହିନ୍ଦୁ ପୋଲିସ ଅଧିକାରୀ ମାନଙ୍କ ସ୍ଥାନରେ ମୁସଲିମ ଅଧିକାରୀ ମାନଙ୍କୁ ନିଯୁକ୍ତ କରାଗଲା । ବଳକା ୨ଟି ସ୍ଥାନରେ ଆଂଗ୍ଲୋ ଇଣ୍ଡିଆନ ଅଧିକାରୀ ଥିଲେ । ଅଗଷ୍ଟ ୧୬ ତାରିଖ ଦିନ ସକାଳ ମୁସଲିମ ଲିଗ ପକ୍ଷରୁ ଜୁଲୁସ ବାହାର କରାଗଲା । ମୁଖ୍ୟମନ୍ତ୍ରୀ ସୁହାରବର୍ଦ୍ଦୀଙ୍କ ଅଧ୍ୟକ୍ଷତାରେ ଏକ ବିଶାଳ ସଭା ହେଲା । ଏହି ସଭାରେ ଜଣେ ପରେ ଜଣେ ବକ୍ତା ହିନ୍ଦୁ ମାନଙ୍କର ବିନାଶ ପାଇଁ ଶପଥ ନେଲେ । କାଫିର ମାନଙ୍କ ବିରୁଦ୍ଧରେ ଜେହାଦର ଖୋଲାଖୋଲି ଘୋଷଣା କରା ଗଲା । ସଭା ସରିଲା ପରେ ସେଠାରୁ ଫେରୁଥିବା ଲୋକ ମାନେ ହିନ୍ଦୁ ମାନଙ୍କ ବିରୁଦ୍ଧରେ ହିଂସା ଆରମ୍ଭ କରି ଦେଲେ । ଭୀଷଣ ମାତ୍ରାରେ ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ ଆରମ୍ଭ ହୋଇଗଲା । ଏପରି ଲାଗୁଥିଲା ଯେ ମଧ୍ୟକାଳୀନ ବର୍ବରତାପୂର୍ଣ ଇସଲାମୀ ଆକ୍ରମଣ ପୁଣି ଥରେ ଆରମ୍ଭ ହୋଇ ଯାଇଛି । ଏହି ତାଣ୍ଡବ ଲଗାତାର ଦୁଇ ଦିନ ଧରି ଚାଲିଥିଲା । ଏହାକୁ ଅଟକାଇବା ପାଇଁ କେହି ନ ଥିଲେ । ଯାହାକୁ ମଧ୍ୟ ଆପରାଧିକ କାରଣ ପାଇଁ ବନ୍ଦୀ କରା ଯାଇଥିଲା ସେମାନଙ୍କୁ ଜେଲରୁ ଖଲାସ କରି ଦିଆ ଯାଇଥିଲା । ଏହି ନିର୍ଦ୍ଦେଶ ସ୍ୱୟଂ ମୁଖ୍ୟମନ୍ତ୍ରୀ ସୁହାରବର୍ଦ୍ଦୀ ଦେଇଥିଲା ଯିଏ ନିଜେ ପୋଲିସ ନିୟନ୍ତ୍ରଣ କକ୍ଷରୁ ଏହି ହିଂସାକୁ ପରିଚାଳିତ କରୁଥିଲା । କଲିକତାର ସଡକରେ ୧୦ ହଜାରରୁ ଅଧିକ ନର- ନାରୀ ଓ ପିଲା ମାନଙ୍କର ହତ୍ୟା ହୋଇଥିଲା । ୧୫ ହଜାରରୁ ଅଧିକ ଲୋକ ଅତ୍ୟନ୍ତ କ୍ଷତ ବିକ୍ଷତ ହୋଇଥିଲେ । ଏକ ଲକ୍ଷରୁ ଅଧିକ ଲୋକଙ୍କର ଘର ଜାଳି ଦିଆ ଯାଇଥିଲା । ଦାନବତାର ନଗ୍ନ ଚିତ୍ର କଲିକାତା ସହରରେ ଦେଖା ଯାଇଥିଲା । ଏହାର ଚିତ୍ରଣ ଏହି ଫିଲ୍ମରେ କରାଯାଇଛି । ଏହା ପରେ ମୁସଲିମ ଲିଗ ତାର ଡାଇରେକ୍ଟ ଆକ୍ସନକୁ ନୋଆଖାଲିକୁ ସ୍ଥାନାନ୍ତରିତ କରି ଦେଇଥିଲା । ନୋଆଖାଲି ଜିଲ୍ଲାରେ ସେତେବେଳେ ଜନସଂଖ୍ୟା ୨୮ ଲକ୍ଷ ଥିଲା । ସେଥି ମଧ୍ୟରୁ ୮୧ ପ୍ରତିଶତ ଜନସଂଖ୍ୟା ମୁସଲମାନ ମାନଙ୍କର ଥିଲା । ଗୁଲାମ ସରାବର ହୁସୈନୀ ୧୯୩୦ରୁ ୧୯୪୦ ଦଶକ ଯାଏ ଏହି ଅଂଚଳର ଏକ ପୀର ଓ କଟ୍ଟର ମୁସଲମାନ ନେତା ଥିଲା । ଏହି ବ୍ୟକ୍ତି ହିଁ ନୋଆଖାଲୀର ସାଧାରଣ ଲୋକ ମାନଙ୍କୁ ଇସଲାମିକ କଟ୍ଟରତାର ପାଠ ପଢାଇ ଆସୁଥିଲା । ତା ଦ୍ୱାରା ସ୍ଥାପିତ ମୁସଲିମ ନେସନାଲ ଗାର୍ଡ୍ସ ଅନେକ ବର୍ଷ ଧରି ସେଠାକାର ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର କରି ଆସୁଥିଲା । ଅକଟୋବର ମାସରେ ହେବାକୁ ଥିବା ହିନ୍ଦୁ ମାନଙ୍କ ଉପରେ ନରସଂହାର ପାଇଁ ଯୋଜନା ସେପ୍ଟେମ୍ବରରୁ ଆରମ୍ଭ କରି ଦିଆଯାଇଥିଲା । ହୁସୈନୀ ଗାଁ ଗାଁରେ ଗୁପ୍ତ ବୈଠକ ମାନ କରୁଥିଲା । ହିନ୍ଦୁ ବେପାରୀ ମାନଙ୍କୁ ବେପାର କରିବାକୁ ଦିଆ ଗଲା ନାହିଁ । ମୁସଲମାନ ମାନଙ୍କୁ ପେଟ୍ରୋଲ ଓ କିରୋସିନି ଏକତ୍ରିତ କରିବାକୁ କୁହାଗଲା । ଅସ୍ତ୍ର ଶସ୍ତ୍ର ବଂଟା ଗଲା । ମୁସଲିମ ଗାର୍ଡ ମାନଙ୍କୁ ପ୍ରଶିକ୍ଷଣ ଦିଆଗଲା । ଏହା ପରେ ୧୦ ଅକ୍ଟୋବର ୧୯୪୬ ମସିହା ଲକ୍ଷ୍ମୀ ପୂଜା ଦିନ ନୋଆଖାଲୀ ନରସଂହାର ଆରମ୍ଭ ହୋଇଥିଲା ଓ ଏହି ଅଂଚଳକୁ ହିନ୍ଦୁ ବିହୀନ କରି ଦିଆଗଲା । ଏହି ଅଂଚଳରେ ଯେପରି ହିଂସା କରାଗଲା ତାହା ମଧ୍ୟ ଅବର୍ଣନୀୟ ଥିଲା । ସପ୍ତାହ ସପ୍ତାହ ଧରି ଜେହାଦ ଚାଲିଥିଲା । ଭୟଙ୍କର ନରସଂହାର ହେଲା, ହିନ୍ଦୁ ମାନଙ୍କର ବ୍ୟାପକ ଧର୍ମାନ୍ତରଣ କରା ଯାଇଥିଲା । ହିନ୍ଦୁ ମହିଳା ମାନଙ୍କର ଅପହରଣ କରା ଯାଇ ତାଙ୍କ ସହିତ ବଳପୂର୍ବକ ନିକାହ କରାଗଲା । ମିସ ମ୍ୟୁରିଲ ଲେଷ୍ଟର ନାମକ ଜଣେ ବିଦେଶୀ ଏହି ନୋଆଖାଲୀ ହିନ୍ଦୁ ନରସଂହାର ଘଟଣା ପରେ ଏକ ଗ୍ରାମରେ ସହାୟତା ଶିବିରରେ ପହଂଚିଥିଲେ । ସେ ନଭେମ୍ବର ୬ ତାରିଖ ଦିନ ଲେଖିଛନ୍ତି – "ମହିଳା ମାନଙ୍କର ସ୍ଥିତି ଅତ୍ୟନ୍ତ ଦୟନୀୟ ଥିଲା । ଅନେକ ମହିଳାଙ୍କ ସେମାନଙ୍କ ଆଖି ସାମନାରେ ସେମାନଙ୍କର ସ୍ୱାମୀ ମାନଙ୍କୁ ହତ୍ୟା କରା ଯାଇଥିଲା ଓ ସେହି ମହିଳା ମାନଙ୍କର ନିକାହ ସେମାନଙ୍କର ସ୍ୱାମୀ ମାନଙ୍କର ହତ୍ୟାକାରୀ ମାନଙ୍କ ସହ ଜୋର ଜବରଦସ୍ତି କରା ଯାଇଥିଲା । ମହିଳା ମାନଙ୍କର ଆଖି ପଥର ହୋଇ ଯାଇଥିଲା । ... ଜୀବନ ରକ୍ଷା ପାଇଁ ହଜାର ହଜାର ଲୋକଙ୍କୁ ଇସଲାମ ଗ୍ରହଣ କରିବାକୁ ପଡିଥିଲା ଓ ଗୋମାଂସ ଖାଇବାକୁ ପଡିଥିଲା ।"

ଏହି ଫିଲ୍ମ ଦୁଇ ଜଣ ଏପରି ନାୟକଙ୍କ ବିଷୟରେ ଲୋକ ମାନଙ୍କୁ ଜଣାଉଛି ଯେଉଁ ମାନେ ସେତେବେଳେ ଅଦ୍ୱିତୀୟ ବୀରତ୍ୱର ପରିଚୟ ଦେଇଥିଲେ । ଜଣେ ଥିଲେ କୋଲକାତାର ଗୋପାଳ ମୁଖାର୍ଜୀ ଓରଫ ଗୋପାଳ ପାଠା ଓ ଅନ୍ୟ ଜଣେ ନୋଆଖାଲୀ ବାର ଆସୋସିଏସନର ପୂର୍ବତନ ସଭାପତି ରାଜେନ୍ଦ୍ର ଲାଲ ରାୟ ଚୌଧୁରୀ । କୋଲକାତାରେ ଗୋପାଳ ପାଠାଙ୍କ ପ୍ରତି ଆକ୍ରମଣ ପରେ ସୋହରାବର୍ଦ୍ଦୀ ପଛକୁ ହଟିଥିଲା । ସେହିପରି ରାୟ ଚୌଧୁରୀ ବୀରତ୍ୱର ସହ ଲଢେଇ କରି ବଳିଦାନ ଦେଇଥିଲେ । ତାଙ୍କର ମୁଣ୍ଡ କାଟ କରାଯାଇଥିଲା ଓ ତାଙ୍କର ଦୁଇ ଝିଅକୁ ସେକ୍ସ ସ୍ଲେଭ କରି ଦିଆଯାଇଥିଲା । ଏଭଳି ବ୍ୟକ୍ତିମାନଙ୍କ ବିଷୟରେ ଆମେ ସମ୍ପୂର୍ଣ ଅଜ୍ଞ । ଏହି ଫିଲ୍ମର ଏକ ଦୃଶ୍ୟରେ ଭାରତ-ପାକିସ୍ତାନ ବିଭାଜନ ଦିନ ଗୁଲାମ ସରାବର ହୁସୈନୀର ଏକ ସଂଳାପ ମଧ୍ୟ ରହିଛି । ଏହି ସଂଳାପରେ ହୁସେନୀ କହୁଛି ଯେ ଭାରତକୁ ବିଭାଜନ କରି ପାକିସ୍ତାନ ନେବା ଦ୍ୱାରା ଆମର ପ୍ରଜେକ୍ଟ ଶେଷ ହୋଇ ନାହିଁ । ସମ୍ପୂର୍ଣ ଭାରତର ଇସଲାମୀକରଣ କରି ତାକୁ ପାକିସ୍ତାନ କରିବା ହେଉଛି ଆମର ଲକ୍ଷ୍ୟ । ତେଣୁ ଏହି ଅଭିଯାନ ଜାରୀ ରହିବ । ଆଜି ଯେତେବେଳେ ଆମେ ଗଜୱା ଏ ହିନ୍ଦ କଥା ଶୁଣୁଛୁ, ଯେଭଳି ଭାବେ ସୀମାବର୍ତ୍ତୀ ଅଂଚଳ ମାନଙ୍କରେ ସୁନିୟୋଜିତ ଡେମୋଗ୍ରାଫି ପରିବର୍ତ୍ତନ କରାଯାଉଥିବା ଦେଖୁଛୁ ସେତେବେଳେ ହୁସେନୀର ସେହି କଥା ସତ୍ୟ ପ୍ରମାଣିତ କରୁଛି ଯେ ପାକିସ୍ତାନ ନିର୍ମାଣ ପରେ ମଧ୍ୟ ଏହି ପ୍ରଜେକ୍ଟ ଶେଷ ହୋଇ ନାହିଁ । ସମ୍ପୂର୍ଣ ଭାରତର ଇସଲାମୀକରଣ କରିବା ହେଉଛି ପାକିସ୍ତାନ ନିର୍ମାଣର ଅସମାପ୍ତ ଏଜେଂଡା । ଏହି ଫିଲ୍ମ ଭାରତୀୟ ମାନଙ୍କୁ ସେମାନଙ୍କର ଭବିଷ୍ୟତକୁ ନେଇ ଚିନ୍ତା କରିବାକୁ ଚେତାବନୀ ଦେଉଛି ।

# ସାହିତ୍ୟ ଦର୍ପଣ



## ଜୀବନ ଦର୍ଶନ



ସୁଦର୍ଶନ ମହାପାତ୍ର

ଘରର ପରିବେଶ ଆଜି ମୋ ପାଇଁ ଆଉ ଗ୍ରହଣୀୟ ହୋଇ ନଥିଲା। ତେଣୁ କୌଣସି ଗୋଟିଏ ପାର୍କରେ ମୁଁ ଥିଲି। ଜୀବନ ଓ ମୃତ୍ୟୁର ସନ୍ଧିକ୍ଷଣରେ ଥିଲେ ବି ଏଇ ପାର୍କକୁ ହିଁ ଶେଷ ନିଷ୍ପତ୍ତି ନେବାର ସର୍ବୋତ୍ତମ ସ୍ଥାନ ବୋଲି ବାଛି ଆଜି ଘରୁ ବାହାରି ଆସିଥିଲି।

ମୃତ୍ୟୁକୁ ଆପଣେଇ ନେବାକୁ ମୁଁ ବଦ୍ଧ ପରିକର ଥିଲି। ତେଣୁ ଏଇ ପାର୍କକୁ ଆସିଥିଲି। ହେଲେ ପାର୍କରେ ଅନେକ ଜୀବନଧାରୀ ବିଭିନ୍ନ ଅବସ୍ଥାରେ ଥିବାର ଦେଖି ମୁଁ ଦ୍ୱିଧାରେ ପଡିଲି। କେତେକ ପାର୍କ ପରିସରକୁ ସରସ ସୁନ୍ଦର କରୁଥିବା ବେଳେ କେତେକ ଅବସୋସରେ ଥିଲେ ବୋଲି ମୋତେ ପ୍ରତୀୟମାନ ହେଲା। ତେଣୁ ଜୀବନ ଆଉ ମୃତ୍ୟୁ ଭିତରୁ କାହାକୁ ବାଛିବା ମୋ ଦ୍ୱାରା ସମ୍ଭବ ହେଲା ନାହିଁ।ଏମିତି ତ ଏଇ ଟିକକ ନିର୍ଣ୍ଣୟ ନେବାକୁ ମୋର ଛଅ ସାତ ମାସ ବିତି ଯାଇଥିଲା। ଆଜି ବି ସେଇ ନିର୍ଣ୍ଣୟ ମୋ ଦ୍ୱାରା ସମ୍ଭବ ନଥିଲା।

ମୋତେ ଲାଗୁଥିଲା ଏମିତି କିଛି ହେବ ବୋଲି। ତେଣୁ ମୋର ନିର୍ଣ୍ଣୟ କୁ ଚୁଡାନ୍ତ ରୂପ ଦେବାକୁ ଜଣେ ଆତ୍ମୀୟକୁ ଏ ଦିଗରେ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲି। ଆଗରୁ ବି କେତେଥର ବିଭିନ୍ନ ପ୍ରସଙ୍ଗରେ ତାରି ନିର୍ଣ୍ଣୟକୁ ମାନିଥିଲି।

ତାରି ଉତ୍ତର କୁ ଅପେକ୍ଷା କରିବାକୁ ଉଚିତ୍ ମଣି ପାର୍କରେ ପଡ଼ିଥିବା ଗୋଟିଏ ବେଞ୍ଚରେ ବସି ପଡ଼ିଲି। ଅନ୍ଧାର କ୍ରମେ ଘନୀଭୂତ ହେଉଥିଲା। ମୋର ପରାହତ ଜୀବନରେ ମୃତ୍ୟୁ ପାଦ ଥାପି ସାରିଥିଲା।ଅପେକ୍ଷା କରୁଥିଲି ଦୁଇଟି ଘଟଣାକୁ। ପାର୍କର ନିର୍ଜନତାକୁ ଏବଂ ସେଇ ଜଣଙ୍କର ନିର୍ଣ୍ଣୟକୁ। ପାର୍କ ଶୂନଶାନ ହେଲେ ହିଁ ମୁଁ ଭାବିଥିବା ମୃତ୍ୟୁ ର ଉପାୟ ଆପଣେଇ ପାରିବି। ପୁଣି ସେଇ ଜଣଙ୍କ ହିଁ ପରାମର୍ଶ ଦେଇଥିଲେ ଏଇଠି ଅପେକ୍ଷା କରିବାକୁ। ଏଇଠୁ ଏ ସଂସାରରୁ ମୋର ନିରୁଦ୍ଦିଷ୍ଟ ହେବାର ଥିଲା।

ରାତି ହୋଇ ସାରିଥିଲା। ରାସ୍ତାକଡ ବତୀଖୁଣ୍ଟରୁ ବିଚ୍ଛୁରିତ ଆଲୋକରେ ମୁଁ ଦିଶୁଥିଲି। ମୁଁ କ'ଣ କରୁଛି ବୋଲି କେହି ଯଦି କୌତୂହଳ ବଶତଃ ନିଘା କରେ ସବୁ ଦେଖିପାରିବାର ଯଥେଷ୍ଟ ସମ୍ଭାବନା ଥିଲା। ବହୁତ ସମୟ ବସି ସାରିଥିଲି। ଅଥଚ୍ ସେ ଆସୁନଥିଲା। ଅନ୍ୟ କେଉଁଦିନ ହୋଇଥିଲେ ମୋର ଧୈର୍ଯ୍ୟ ଭାଙ୍ଗି ସାରିଥାନ୍ତା। ହେଲେ ଆଜି ମୁଁ ସେମିତି କିଛି ଅନୁଭବ କରୁନଥିଲି। କାଳେ ସେଇ ଜଣଙ୍କ ମୋତେ ଦେଖାଇଦେବ ମୋ ପାଇଁ ଏକ ମହାର୍ଘ ମାର୍ଗ ! ତେବେ ମୋର ମୃତ୍ୟୁ ବେଳ ପାଖେଇ ଆସୁଥିଲା ବୋଲି ଆପାତତଃ ମୁଁ ଧରି ନେଇଥିଲି।

ଏତିକି ବେଳକୁ ମନେ ପଡିଲା ଗୌତମ ବୁଦ୍ଧ ଙ୍କ କଥା। ନଗର ପରିକ୍ରମା କରୁଥିବା ସମୟରେ ସେ ପ୍ରଥମ ଥର ପାଇଁ ଦେଖିଲେ ଜଣେ ଲୋଳିତ ଚର୍ମ ବିଶିଷ୍ଟ ବୃଦ୍ଧଙ୍କୁ। ସେ ବୁଝିଥିଲେ ଏଇଟା ଜୀବନର ଦୟନୀୟ ଅବସ୍ଥା। ତାପରେ ତାଙ୍କର ଦୃଷ୍ଟି ଗୋଚର ହେଲା ଜଣେ ବ୍ୟାଧିଗ୍ରସ୍ତ ରୋଗୀଙ୍କ ଉପରେ। ଜୀବନରେ ଏ ଶୋଚନୀୟ ଭୋଗାଭୋଗର ସମ୍ଭାବ୍ୟ ରୂପ ଦର୍ଶନରେ ସେ ବିଚଳିତ ହୋଇ ପଡିଲେ। ନଗର ପରିକ୍ରମା କରୁଥିବା ବେଳେ ସେ ପୁଣି ଦେଖଲେ ମୃତ ଦେହକୁ। ମୃତ୍ୟୁ ସତ୍ୟ ଏବଂ ଅବଧାରିତ ବୋଲି ତାଙ୍କର ହୃଦବୋଧ ହେଲା ପରେ ହଠାତ୍ ନଜରରେ ପଡିଲେ ଜଣେ ସନ୍ନ୍ୟାସୀ। ବୁଝିଗଲେ ସେ ସନ୍ୟାସ ଜୀବନର ହେତୁ ଏବଂ ସ୍ତ୍ରୀ ପୁତ୍ର, ରାଜଉଆସ ଛାଡି ବାହାରିଲେ ଜୀବନର ନିଗୂଢ଼ ରହସ୍ୟ ଜାଣିବାକୁ।

ମୁଁ ପ୍ରକୃତିସ୍ଥ ହେଲି। ଗୌତମ ବୁଦ୍ଧଙ୍କ ଜୀବନୀକୁ ତର୍ଜମା କଲି। ଯାହା ସାରାଂଶ ପାଇଲି ସେଇଟା ହେଲା ଜୀଇବା ପାଇଁ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିନଥିଲା। କେହି ତାଙ୍କ ପ୍ରତି ହିଂସା ଆଚରଣ କରିନଥିଲେ। ତାଙ୍କର ଜୀଇଁବାର ସାମର୍ଥ୍ୟକୁ କେହି ତଳି ତଲାନ୍ତ କରି ନଥିଲେ। ଅତଏବ ଜୀବନକୁ ଆଗେ ଆଉ ଚିହ୍ନି ନଥିଲେ କହିଲେ ଚଳେ। ତେଣୁ ତାଙ୍କ ଜୀବନୀକୁ ମୁଁ ନିଜ ସହିତ ତୁଳନା କରିବା ଆଉ ଠିକ୍ ହେବ ନାହିଁ ବୋଲି ଭାବିଲି । ଅଙ୍ଗେ ନିଭାଇଥିବା ଜୀବନକାଳକୁ ଶେଷଥର ପାଇଁ ସ୍ମୃତି ଚାରଣ କଲି।

ପିଲାଦିନ ମୋର ଖୁବ୍ ଅବହେଳିତ।ନା ଗଣ୍ଡିଏ ଭଲ ଭାବରେ ଖାଇବାକୁ ମିଳିଛି ନା ଭଲ ଖଣ୍ଡିଏ ପିନ୍ଧିବାକୁ ମିଳିଛି। ବାପା ମା ଦୁହେଁ ଆଗପଛ ହୋଇ ଚାଲିଗଲା ବେଳକୁ ମୁଁ ମାତ୍ର ଚାରି ପାଞ୍ଚ ବର୍ଷର। କୌଣସି ମତେ ମାଟ୍ରିକୁଲେସନ ପାସ କଲାପରେ ଚାରି ଭାଇ ଭାଉଜଙ୍କ ପରିବାରରେ ମୁଁ ଅଲୋଡା ହୋଇଗଲି।

ସେଇଠୁ ଆରମ୍ଭ ଜୀବନ ସଂଘର୍ଷ। ସହରକୁ ପଳାଇ ଆସିଲି । ଭୁଲିଗଲି ଜାତି ଗୋତ୍ର। କାମ ପାଇଲି ତ ପେଟ ଭରିବା ପାଇଁ ହୋଟେଲରେ ଅଇଁଠା ବାସନ ମାଜିଲି।କାମ ଖିଲାପ ଦୋଷରେ ମାଲିକ ଠାରୁ କାଠ ଫାଳିଆରେ ଅନେକ ଥର ମାଡ଼ ଖାଇଲି। ଭୋକରେ ଶୋଇଲି। ମାତ୍ରାଧିକ ଅତ୍ୟାଚାରରେ ସେ ଜାଗା ହିଁ ଛାଡ଼ିଦେଲି। ପାଖରେ ଥିବା କିଛି ମୂଳଧନ ଲଗାଇ ମନ୍ଦିର ବେଢ଼ାରେ ଫୁଲ ଦୀପ ବିକିବା ଆରମ୍ଭ କରିଲି। ସେଇଠି ପୁଣି ଭେଟିଥିଲି ପୁରୁଣା ବ୍ୟବସାୟୀଙ୍କ ଧମକ ଚମକ। ମୋ ଜୀବନ ନିର୍ବାହର ବାଟ ପୁଣି ଭାଙ୍ଗିଗଲା। ସେଇଠୁ ବୁଲି ବୁଲି ଲୋକମାନଙ୍କ ଘରେ ଖବରକାଗଜ ବାଣ୍ଟିଲି। କିଛି ପଇସା ସଂଗ୍ରହ କରି ଚା' ଜଳଖିଆ ଦୋକାନ କରିଲି। ପୁଣି ଆଗକୁ ବଢ଼ିଲି। ସେଇ ଦୋକାନଟିକୁ ବଢାଇ ହୋଟେଲରେ ପରିଣତ କଲି। ଛୋଟ ହେଉ ପଛେ ଘର ଖଣ୍ଡେ କଲି।ବାହା ହୋଇ ସଂସାର ଆରମ୍ଭ କଲି। ପୁଅ ଝିଅ ଦୁଇଟି ମୋ ସଂସାର କୁ ଆସି ପରିବାର ପୂର୍ଣ୍ଣ କଲେ। ମୋ ଜୀବନ ସୁଖମୟ ହୋଇଥିଲା ବୋଲି କହିପାରେ। ହେଲେ ଯେଉଁଦିନ କଲେଜ ଯାଇଥିବା ଝିଅ ମୋର ଘରକୁ ଫେରିଲା ନାହିଁ ସେଇଦିନ ଠାରୁ ଆରମ୍ଭ ହେଲା ମୋ ଜୀବନର ବିପର୍ଯ୍ୟୟ।ତା'ର କ୍ଷତବିକ୍ଷତ ଦେହ ମିଳିଲା ନଈପଠାରୁ।କିଏ କ'ଣ କେତେ କହିଲା। ଝିଅ ମୋର କଳଙ୍କିତ ବୋଲି କହିଲେ ପାଖ ପଡ଼ୋଶୀ। ପତ୍ନୀ ସହି ପାରିଲେ ନାହିଁ ସେଇ ଦୁଃଖଦ ଘଟଣା। ଅବସାଦ ଗ୍ରସ୍ତ ହୋଇ ରହିବାର କିଛି ଦିନ ପରେ ସେ ହୃଦଘାତରେ ଚାଲିଗଲେ ଆରପାରିକୁ।

ଏତିକିରେ ସରିନଥିଲା ମୋ ଦୁଃଖ। ଗୋଟିଏ ବୋଲି ପୁଅ କୁ ନେଇ ଆଗକୁ ବଢ଼ିବାକୁ ଚିନ୍ତା କଲାବେଳକୁ ଆଉ ଗୋଟିଏ ଦୁର୍ଯ୍ୟୋଗ ଆସିଲା।ସାଙ୍ଗଙ୍କ ସହିତ ହୋଲି ଖେଳି ନଈରେ ଗାଧୋଉଥିବା ବେଳେ ସେ ଭାସିଗଲା ବୋଲି ଖବର ମିଳିଲା ତ ମୋ ସଂସାର ଉଚ୍ଛନ୍ନ ହୋଇଗଲା।

ଜୀବନ ପ୍ରତି ମୋର ବିମୁଖତା ଆସିଯାଇଥିଲା ନିୟତିର ବାଧବାଧକତାରେ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅତଏବ ସିଦ୍ଧାନ୍ତ ନେଲି ମୋତେ ଫେରି ଯିବାକୁ ହେବ ଏ ଜଗତରୁ।ସେଇଥିରେ ହିଁ ମୋତେ ସବୁ ଦୁଶ୍ଚିନ୍ତା ଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିଯିବ।

ହେଲେ ମୋ ସିଦ୍ଧାନ୍ତରେ କାଳେ ତ୍ରୁଟି ଥିବ ଭାବି ସେଇ ଜଣଙ୍କୁ ହିଁ ଅପେକ୍ଷା କରିଥିଲି। ଯିଏ ମୋର ଖୁବ୍ ଅନ୍ତରଙ୍ଗ ଏବଂ ଏଯାବତ୍ ମୁଁ ଯାହା ଉପରେ ବିଶ୍ୱାସ କରି ଆସିଛି। ତା'ର ନିଷ୍ପତ୍ତି ଶୁଣିବାକୁ ମୁଁ ଉତ୍କର୍ଣ୍ଣ ଅଛି।

ସେଇ ବେଞ୍ଚ ଉପରେ ବସି ମୁଁ ପାର୍କର ଶେଷ ମୁଣ୍ଡ ଆଡ଼ ? ଥିବା କଦମ୍ବ ଗଛ ଆଡକୁ ଚାହିଁଲି । ବେଶ୍ ଅନ୍ଧାରୁଆ ଦିଶିଲାଣି। ଆଉ ଟିକିଏ ଅନ୍ଧାର ବହଳ ହେଲେ ସେଇ ଗଛରେ ମୁଁ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିବାର ଗୋଟିଏ ବାଟ ଖୋଜି ରଖିଥିଲି। ସେଇ ଗଛମୂଳେ ହଠାତ୍ ଦୃଶ୍ୟ ହେଲା ରମଣୀ ଟିଏ। ତା'ର ସାଜସଜ୍ଜାରୁ ବୁଝିଗଲି ସବୁ। ସେ ନିଶ୍ଚୟ ଗ୍ରାହକ ଅପେକ୍ଷା ରେ।

ମୁଁ ତା ପାଖକୁ ଗଲି। ବିନା କିଛି କଥାବାର୍ତ୍ତାରେ ତା ହାତରେ କିଛି ଟଙ୍କା ଧରେଇ ଦେଇ ଚାଲି ଆସିଲି। ପଛକୁ ଥରେ ଫେରି ଚାହିଁଲି।ତା ଆଖିରେ ଲୁହ ଢଳ ଢଳ ହେବାର ଦେଖିଲି। ଆଗରୁ ବସିଥିବା ସିମେଣ୍ଟ ବେଞ୍ଚ ଉପରେ ପୁଣି ଆସି ବସିଲି ଏବଂ ସେଇ ରମଣୀ ଆଡକୁ ଚାହିଁଲି। ସେ କିନ୍ତୁ ଆଉ ଦେଖା ଗଲାନି।

ମୁଁ ବସିଥିବା ବେଞ୍ଚର ଦୁଇଟି ବେଞ୍ଚ ଛାଡି ଡଷ୍ଟବିନଟିଏ ଥୁଆ ହୋଇଥିଲା। ଏମିତି ନୁହେଁ ଯେ ଆଗରୁ ମୁଁ ସେଇଟିକୁ ଦେଖି ନଥିଲି। ହେଲେ ହଠାତ୍ ସେଇ ଡଷ୍ଟବିନ ପାଖରେ ଏବେ ଠିଆ ହୋଇଥିଲା ସାତ ଆଠ ବର୍ଷର ପିଲାଟିଏ। ନଇଁ ପଡି କ'ଣ ସବୁ ଘାଣ୍ଟିଲା ଡଷ୍ଟବିନରେ। ଗୋଟିଏ ଗୋଟିଏ କରି କ'ଣ ସବୁ ସାଉଁଟି ତା ଗାମୁଛାରେ ରଖିବାର ଦେଖିଲି। ସେଇ ଡଷ୍ଟବିନ ପାଖରେ ବସିପଡ଼ି ସେସବୁ ଖୁଣ୍ଟି ଖାଉଥିବାର ବି ଦେଖିଲି। ଶୁଣି ପାରିଲି ପିଲାଟିର ଭୋକିଲା ପେଟର ଗାଥା।ତା ପାଖକୁ ଗଲି।ବିକଳ ହୋଇ ଚାହିଁଲା ମୋ ଆଡେ। ପୁଣି ଚାହିଁଲା ଡଷ୍ଟବିନ ଆଡେ।କିଛି ଟଙ୍କା ତା ହାତକୁ ବଢାଇ ଫେରି ଆସିଲି ପୁଣି ନିଜ ଜାଗାକୁ।

ତଥାପି ସେ ଜଣକ ଆସି ନଥିଲା ଯିଏ ମୋତେ ଜୀବନ ମୃତ୍ୟୁ ଭିତରୁ କାହାକୁ ବାଛିବା ଠିକ୍ ହେବ ବତାଇଦେବାକୁ।

ମୁଁ ବୋର ହେଉଥିଲି। ଉଠି ଠିଆହେଲି।

ଚାଲ ଚାଲ ହୋଇ ପାର୍କ ଗେଟ ଆଡକୁ ଗଲି ତ ସେଇଠି ଠିଆ ହୋଇଥିଲେ ଜଣେ ବୃଦ୍ଧ ବ୍ୟକ୍ତି।ଚା'ର ବାସ୍ନା ମୋତେ ବିମୋହିତ କଲା। କିଛି କ୍ଷଣ ପାଇଁ ଭୁଲିଗଲି ମୋର ପାର୍କକୁ ଆସିବାର କାରଣ।ବୃଦ୍ଧ ଜଣକ ହସି ହସି ବଢେଇ ଦେଲେ ଚା କପେ। ଲେମ୍ବୁ ମସଲା ଦିଆ ଚା। ଗୋଟିଏ କେଟଲି, ଚା କପ୍ ଏବଂ ହ୍ୟାଣ୍ଡେଲ ଲଗା ଚୁଲି ଧରି ବୁଲି ବୁଲି ଚା ବିକନ୍ତି ସେ ।ତାଙ୍କ ସହିତ କଥା ଯୋଡିଲି।ସମ୍ୟକରେ କହିଲେ ସେ ତାଙ୍କ ଜୀବନର କିଛି ଅଂଶ।

ସେ ଏବେ ବିପତ୍ନୀକ।ପୁଅ ବୋହୂଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଏବେ ଏଇ କାମ କରୁଛନ୍ତି।ଏଇ ଚା ବିକିବା ଏବେ ତାଙ୍କର ଜୀବିକା ଅର୍ଜ୍ଜନର ପନ୍ଥା ଏବଂ ବଞ୍ଚିବାର ରାହା। ତାଙ୍କର ଆଉ ଗୋଟିଏ ଝିଅ ଥିଲା। ବାହାଘର ପରେ ଯୌତୁକ ନିର୍ଯ୍ୟାତନାର ଶିକାର ହୋଇ ସେ ସଂସାର ଛାଡିଥିଲା। ତାକୁ ଶାଶୁଘର ଲୋକ ପୋଡି ମାରିଦେବା କଥା କହିଲା ବେଳେ ସେ ସତକୁ ସତ କାନ୍ଦି ପକେଇଲେ ।

ବୃଦ୍ଧ ଜଣକ କଥା ପ୍ରସଙ୍ଗରେ କହିଲେ ସେଇ ତରୁଣୀ ଦେହଜୀବୀର କଥା। ବାପା ମାଆଙ୍କ କଥା ନମାନି କାହାର ପ୍ରରୋଚନାରେ ଘରୁ ଲୁଚି ପଳାଇ ଆସିଥିଲା। ହେଲେ ଅଳ୍ପ ଦିନରେ ସ୍ୱପ୍ନ ଭାଙ୍ଗି ଯାଇଥିଲା ଏବଂ ନିଜକୁ ଜଣେ ପତିତା ହିସାବରେ ପାଇଲା।ପେଟ ପୋଷିବା ପାଇଁ ଏଇ ବାଟ ବାଛି ନେଇଥିଲା ସେହିଦିନଠାରୁ।

ବୃଦ୍ଧ ବି କହିଲେ ସେଇ ନାବାଳକର କଥା ଯିଏ ଡଷ୍ଟବିନରୁ ଖାଇବା ସଂଗ୍ରହ କରି ବଞ୍ଚିଛି। ତା'ର ମା ମାନସିକ ବିକୃତି ଗ୍ରସ୍ତ ଥିଲା ଏବଂ କେତେ ବର୍ଷ ତଳେ ଜହ୍ଲାଦ ମାନଙ୍କ ଦ୍ୱାରା ଧର୍ଷିତା ହୋଇ ଅନ୍ତସତ୍ତ୍ୱା ହୋଇ ଯାଇଥିଲା। ଏଇ ପୁଅଟିକୁ ଜନ୍ମ ଦେଇଥିଲା ଏବଂ ଏପଟ ସେପଟ ବୁଲି ପଇସା ମାଗି ଚଳୁଥିଲା। ହେଲେ ହଠାତ୍ ଦିନେ ପୁଣି ଲହୁ ଲୁହାଣ ହୋଇ ଅରମାରେ ପଡିଥିବାର ଲୋକେ ଦେଖିଲେ। ଡ଼ାକ୍ତରଖାନାରେ ଚିକିତ୍ସିତ ହେବା ଅବସ୍ଥାରେ ସେ ଆରପାରିକୁ ଚାଲିଗଲା। ସେଇଦିନୁ ସେଇ ପିଲାଟି ଏମିତି ଡଷ୍ଟବିନରୁ ଖାଦ୍ୟ ଗୋଟଉଛି କିମ୍ବା ଭିକ୍ଷା ମାଗି ଖାଉଛି।

ଗୌତମ ବୁଦ୍ଧ ଙ୍କ ପରି ମୁଁ ତିନୋଟି ଦୃଶ୍ୟ ଦେଖି ସାରିଥିଲି ଏବଂ ଚତୁର୍ଥ ଦୃଶ୍ୟ ଦେଖିବି ବୋଲି ଆଶାବାଦୀ ଥିଲି।

ପୁଣି ଲେଉଟି ଆସିଲି ମୋ ଜାଗାକୁ। ଏବେ ବୃଦ୍ଧଙ୍କ ଠାରୁ ଶୁଣିଥିବା ତିନିଟି ଜୀବନ ଗାଥା ମୋତେ ଆହୁରି ଧୈର୍ଯ୍ୟହରା କରିଦେଲା। ଜୀବନ ପ୍ରତି ଆହୁରି ବୀତସ୍ପୃହ ହୋଇଗଲି। ମୁଁ ନେଇଥିବା ନିଷ୍ପତ୍ତିକୁ ସାକାର କରିବାକୁ ବେଞ୍ଚରୁ ଉଠି ପଡିଲି ତ ଦୂରରୁ ଦେଖିଲି ସେଇ ଜଣଙ୍କୁ, ଯାହାକୁ ମୁଁ ଅପେକ୍ଷା କରୁଥିଲି। ସିଏ ମୋର ପରମ ପ୍ରିୟ ଜୀବନାନନ୍ଦ ମହାପାତ୍ର।

ମୁଁ ଭାବୁଥିଲି ସେ ଆଉ ଆସିବନି। ହେଲେ ସେ କଥା ରଖି ଆସିଛି। ହେଲେ ସେ ମୋ ପାଖକୁ ନଆସି ସିଧା ଗଲା ସେଇ ତରୁଣୀ ପାଖକୁ। କିଛି ସମୟ ତା ସହିତ କଥାବାର୍ତ୍ତା କଲା । ତାପରେ ଡଷ୍ଟବିନ ପାଖରେ ଯାଇ ଭେଟିଲା ସେଇ ଅବାଞ୍ଛିତ ପିଲାଟିକୁ। ସେଇଠୁ ପୁଣି ସେ ଦୃଶ୍ୟ ହେଲା ଯାଇ ବୃଦ୍ଧ ଜଣକ ପାଖରେ। ସେ କ'ଣ ଏମାନଙ୍କୁ ସବୁ ଆଗରୁ ଜାଣେ ? କେଜାଣି ?

ଏଥର ସେମାନେ ଚାରି ଜଣଯାକ ମୋ ପାଖକୁ ଆସୁଥିବାର ମୁଁ ଦେଖିଲି। ସମସ୍ତଙ୍କ ମୁହଁରେ ହସ ଦିଶୁଥିଲା। ମୁଁ ଆଶ୍ଚର୍ଯ୍ୟ ଚକିତ ହେଲି।

-' ଆମେ ସମସ୍ତେ ଏବେ ଜୀବନ ବାବୁଙ୍କ ସହିତ ଯାଉଛୁ।ତୁମେ ଆମ ସହ ଏଇ ବାବୁଙ୍କୁ ଭେଟ କରାଇଥିବାରୁ ଅନେକ ଅନେକ ଧନ୍ୟବାଦ।' କହିଲେ ବୃଦ୍ଧ ଜଣକ। ସେମାନେ ସମସ୍ତେ ମୋତେ ଘେରି ଠିଆ ହୋଇଥିଲେ।

-' ଶୁଣ , ଏମାନେ ସମସ୍ତେ ମୋ ସହ ଏବେ ଜୀବନର ନୂଆ ପଥରେ ଯିବାକୁ ମନସ୍ଥିର କରିଛନ୍ତି। ଏଇ ପିତୃ ତୁଲ୍ୟ ବୃଦ୍ଧ ହେବେ ଏବେ ମୋ ବ୍ୟବସାୟର ଦିଗଦର୍ଶକ। ଏଇ ଝିଅ ଆଉ ପୁଅଙ୍କୁ ମୁଁ ପୋଷ୍ୟ କରି ନେଉଛି। ସେମାନଙ୍କର ବି ସମାଜରେ ସମ୍ମାନ ସହ ଜୀବନ ଧାରଣ କରିବାର ଅଧିକାର ଅଛି। ତେଣୁ ସେମାନଙ୍କୁ ଯଥା ସମ୍ଭବ ପ୍ରତିଷ୍ଠିତ କରାଇବାକୁ ଚେଷ୍ଟା କରିବି। ରାତି ଖୁବ୍ ହେଲାଣି। ଚାଲ ଏବେ ତୁ ବି ଆମ ସହିତ ଚାଲ। ଚାଲ ଯିବା ସେଇ ନୂଆ ଜୀବନର ଅୟମାରମ୍ଭ କରିବାକୁ।' କହିଲା ଜୀବନାନନ୍ଦ।

ଏଇଟା କ'ଣ ସେଇ ଚତୁର୍ଥ ଦୃଶ୍ୟ ! ଏଇ ଦୃଶ୍ୟ ମୋତେ ଜୀବନ ମନସ୍କ କରାଇଲା। ମୁଁ ବିହ୍ୱଳିତ ହୋଇ ପଡିଲି ।ବେଞ୍ଚ ରୁ ଉଠି ପଡିଲି।

ଆପଣ ମାନଙ୍କୁ ଗୋଟିଏ କଥା କହିରଖେ। ଏଇ କିଛି କ୍ଷଣ ଆଗରୁ ମୁଁ ସ୍ୱପ୍ନ ଟିଏ ଦେଖୁଥିଲି। ସେଇ ସ୍ୱପ୍ନ ଭିତରେ ଯାହାକୁ ମୁଁ ଆପଣମାନଙ୍କୁ ଜୀବନାନନ୍ଦ ମହାପାତ୍ର ବୋଲି ଭେଟାଇଛି ସିଏ ନିଜେ ମୁଁ। ଆଉ ଯେଉଁ ମାନଙ୍କୁ ମୁଁ ସ୍ୱପ୍ନରେ ଭେଟିଥିଲି ସେମାନଙ୍କୁ ସତକୁ ସତ ଖୋଜି ପାଇଲି ଗୋଟିଏ ପାର୍କରେ। ଏବେ ସେମାନେ ସମସ୍ତେ ମୋ ପାଖରେ ରହି ମୋତେ ଅତିଷ୍ଠ କରୁଥିବା ଏକଲାପଣକୁ ପୋଛି ମୋ ଜୀବନକୁ ଖୁସି ଆଉ କୋଳାହଳରେ ଭରି ଦେଇଛନ୍ତି।ଏବେ ମୁଁ ଖୁବ୍ ଜୀବନ ମନସ୍କ।

*କୁଞ୍ଜବିହାରୀ ଲେନ, କଟକ*

## କ୍ଷମା

*ଆଦ୍ୟାଶା ମହାପାତ୍ର*



କ୍ଷମା ହୃଦୟର ଏକ ଆଭୂଷଣ
କ୍ଷମା ଏକ ସାତ୍ତ୍ୱିକ ଗୁଣଧର୍ମ
କ୍ଷମା ଦିବ୍ୟ ଶାଶ୍ୱତ
କ୍ଷମା ଚିର ପବିତ୍ର
କ୍ଷମା ଗୁଣ ଏକ ସିଦ୍ଧି
କଠୋର ତପସ୍ୟାର ପ୍ରାପ୍ତି
କ୍ଷମା ଅନ୍ତରର ଦିବ୍ୟତା
କ୍ଷମା ସରଳ ସ୍ୱଭାବର ପରିଚୟ
ହୃଦୟର ମହାନତାକୁ ଦର୍ଶାଏ
କ୍ଷମା କୋଟିକୋଟି ଜନ୍ମର
ପୁଣ୍ୟତାର ଫଳ ସ୍ୱରୂପ
କ୍ଷମା ଆଚରଣ
ଦିବ୍ୟାତ୍ମାଙ୍କର ସଦଗୁଣ
କ୍ଷମା ଏକ ଦୁର୍ଲଭ ଉପଲବ୍ଧି
ସଂସ୍କାରୀ ହୃଦୟର ସଂସ୍କାର
ମାନବଶ୍ରେଷ୍ଠ ଜ୍ଞାନୀ ଗୁଣୀଙ୍କର
କ୍ଷମା ଏକ ପାରଦର୍ଶିତା
କ୍ଷମା ଆନନ୍ଦ
କ୍ଷମା ପରମାନନ୍ଦ
କ୍ଷମା ସୁଖ ପ୍ରାପ୍ତିର ମନ୍ତ୍ର
କ୍ଷମା ହୃଦୟ ଜିଣିବାର ସ୍ତୋତ୍ର..!!

*ନୂଆପଡା, କଟକ*

## ପ୍ରତୀକ୍ଷିତ ଭବିଷ୍ୟତ

*ସୁଧାକର ରାଉତ*



ଜୀବନର ଅପରିମେୟ ସଂଖ୍ୟାକୁ
ପରିମିତ ଧାରାରେ ସୀମିତ କରିବା
ନୁହଁଇ ସହଜ ।
ସେଇଥିଲାଗିତ ବର୍ତ୍ତମାନ ନୁହେଁ
ଅତୀତଟା ଅଛିଣ୍ଡା ରହେ
ପୌନପୁନିକ ଦଶମିକ ଭଳି ।
କେବେ ଦିନେ ଆଉଁସି ଥିଲା ସେ
ତା କଅଁଳିଆ ପାପୁଲିରେ ।
ସେବେଳେ ଭଲ ଲାଗୁଥିଲା
ଭିଜିବାକୁ ଡ଼ହ ଡ଼ହ ଖରାରେ ।
ଏବେ ତ ସଞ୍ଜ ନଇଁବା ବେଳ
ଶୂନ୍ୟ ଛାତିକୁ ସିଏ କରୁଛି କୋଳ।
ଦୁଃଖରେ ଝରିଗଲେ ଦୁଇଟୋପା ଲୁହ
ଅସହଣି ଅନ୍ଧାରରେ
ହଜିଯାଏ ଆହାପଦ ଶୁଣିବାର ବେଳ।
ଶୃଙ୍ଖଳା ମାଟିରେ ପରା ଖସିଯାଏ ପାଦ
ଚୋରବାଲି ନୁହେଁ
ବର୍ତ୍ତମାନର ଅଣ୍ଟା ସଳଖିଲେ
ଆସଇ ବିପଦ ।
ଭାସୁଛି ଜୀବନର ଦଦରା ନଉକା
ଅନିଶ୍ଚିତତା ନଦୀରେ
ବୁଡିବା ଛନ୍ଦରେ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## କୁହ ସେ ଫୁଲର ନାଁ

*ରତ୍ନକାନ୍ତି ମିଶ୍ର*



କୁହ ଏବେ ସେଇ ଫୁଲ ନାଁ ଯିଏ
ଶରତ ଆସିଲେ ଫୁଟଇ
ବାଡି ବଗିଚାରେ ପାଇବନି ତାକୁ
ନଇ ପଠାରେ ସେ ଦିଶଇ ॥
ହସେ କିରି କିରି ଝୁଲୁଥାଏ ଯେବେ
ପବନ ଦୋଳିରେ ସ୍ୱଚ୍ଛନ୍ଦେ
ପଥ ପାରୁଶରେ ଜନ ମନ କିଣି
ନାଚେ ଥେଇ ମହା ଆନନ୍ଦେ ॥
ମହମହ ହୋଇ ବାସ ତା ଛୁଟେନି
ତଥାପି ପାଏ ସେ ଆଦର
ଆଖି ଲାଗିଯାଏ ତା ଅଙ୍ଗଭଙ୍ଗୀରେ
ଆହା କି ରୂପ ତା' ସୁନ୍ଦର ॥
ଅଶିଣ ଆକାଶେ ଯେବେ ଚାଲିଥାଏ
ଧଳା ବଉଦର ମେଳଣ
ମର୍ତ୍ତ୍ୟ ମଣ୍ଡଳରେ ଆନନ୍ଦ ବିଭୋର
ସତେ ହୁଏ ତା'ର ପରାଣ ॥
ପାରବଣ ଋତୁ ଆସୁଛି ବୋଲି ସେ
ପରଶି ଦିଅଇ ଖବର
ଦେବୀ ଦୁର୍ଗାଙ୍କର ଆବାହନୀ ପାଇଁ
ଧରିଥାଏ ଶୁଭ୍ର ଚାମର ॥
ପୂଜା ପରବରେ ଲାଗେ ନାହିଁ ବୋଲି
ମନେ ନଥାଏ ତା ବିରସ
ଦୁଃଖ ବି କରେନା ଜାଣି ବି ପୃଥିବୀରେ
ଅଳପ ଦିନ ତା ଆୟୁଷ ॥
ଶରତ ଆସିଲେ ସେ ଆସେ ଧରାକୁ
ଶଂଖ ଶୁଭ୍ର ତା'ର ଦେହଟି
ବିହି ସୃଜନର ଅନନ୍ୟ ସ୍ୱାକ୍ଷର
କାଶତଣ୍ଡୀ ତା'ର ନାମଟି ॥

*ଆଳି, କେନ୍ଦ୍ରାପଡା*

## ଶରତ ସକାଳ

*ରାମଚନ୍ଦ୍ର ବେହେରା*



ଶିଶିରରେ ଭିଜା ଶରତ ସକାଳ
ଦିଶେ ସ୍ୱଚ୍ଛ ନିରିମଳ
ନୀଳ ଗଗନରେ ଶୁଭ୍ର ମେଘମାଳା
ହସି କରେ ବିଚରଣ
ଗାଆଁ ନଈପଠା ଧାରେ
ଦିଗନ୍ତ ବିସ୍ତାରି କାଶତଣ୍ଡୀ ହସେ
ଦେଖିଲେ ଆଖ ନଫେରେ।
କୁମୁଦ କୁମାରୀ ଦୀପ୍ତି ପରକାଶେ
ଶୋଇଯାଏ ଦିବାଲୋକେ
ଧୀର ସମୀରଣେ କମଳ ଝୁଲଇ
ଗାଆଁ ପୁଷ୍କରିଣୀ ବକ୍ଷେ
ମନଲୋଭା ପ୍ରାତଃ କାଳେ
ଗଂଗଶିଉଳିର ସୁକୋମଳ ତନୁ
ଲୋଟିଯାଏ ଧରା କୋଳେ।
ଜାଈ ଜୁଈ ହେନା ଟଗର ତରାଟ
ହସେ ବାଡି ବଗିଚାରେ
ଦୁର୍ବାଦଳ ଶିରେ ଶଶିର ଚମକ
ସଭିଂକ ପରାଣ ହରେ
ନୀଳ ଗଗନେ ବିହଂଗ
ପରିବାର ସହ ଉଡନ୍ତି ସରାଗେ
ନଛାଡନ୍ତି କେବେ ସଂଗ।
ନଈ ପାଣି ଦିଶେ ସ୍ୱଚ୍ଛ କାଚକେନ୍ଦୁ
ଭିଜିବାକୁ ମନ କରେ
ନୀଳ ସବୁଜିମା ଲହରୀ ମାରଇ
ଦୂର ଧାନ ଗହୀରରେ
ବିମଣ୍ଡିତା ମହୀ ହସେ
ଶରତ ସକାଳ ରୂପ ଲାବଣ୍ୟରେ
କବିତା ମନକୁ ଆସେ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## କିଏ ସେ ବୁଝିବ

*ନିରଞ୍ଜନ ସାହୁ*



କାହାକୁ କହିଲେ କିଏସେ ବୁଝିବ
ନିଭୃତ ଅନ୍ତର କଥା
ଯିଏ ବୁଝିଥିବ ସିଏ ବୁଝାଇବ
କଥାରେ ଲଗାଇ ନଥା ।

ଆପଣାର ବୋଲି କାହାକୁ ମଣିବି
କିଏ ବୁଝିବ ମୋ ମନ
କିଏସେ କହିବ ମୁଁ ଲିଭାଇ ଦେବି
ତୋ ପୋଡା ହୃଦୟ ବନ
କାହା କଥା ମୋତେ ସନ୍ତୁଷ୍ଟ କରିବ
ମୋତେ ଲାଗୁଥିବ ଯଥା ।

ମୋ ପରି ସରଳ ମଣିଷ ଖୋଜଇ
କେଉଁଠି ପାଉଛି କାହିଁ
ଯାହାକୁ ସରଳ ବିଶ୍ୱାସ କରୁଛି
ସେ ମନ ବୁଝଇ ନାହିଁ
ସବୁଠୁଁ ବିଶ୍ୱାସୀ ଖୋଜିଖୋଜି ମୋର
ହୋଇଲାଣି ମୁଣ୍ଡବଥା ।

ଅନ୍ତରର କଥା ଖୋଲି କହିବାକୁ
ଲାଗିଲାଣି ଏବେ ଡର
କିଏ ମୋ କଥାକୁ ଗୋପନ ରଖିବ
ନିଜର ହେଉ କି ପର
କିଏ ମୋତେ ବୁଝି ଆଗକୁ ନେଇକି
ଉଚ୍ଚ କରିବ ମୋ ମଥା ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ଚଷା ଜୀବନ

*ସରୋଜ କୁମାର ଟୋଲଟିଆ*



ଚାଷ କାମ ଯାହାର
କେଡେ ଦୁଃଖ ତାହାର,
ସେଇ ସିନା ଖାଉଛିରେ
ଦୁନିଆଁର ପାହାର।
ମଣ୍ଡି ମୁଣ୍ଡ ଖାଉଛି
ରାଜନୀତି ଚାଲିଛି,
କୁଇଣ୍ଟାଲେ ପାଞ୍ଚ କିଲୋ
ଭାଗ ବଣ୍ଟା ଚାଲିଛି।
ଆସ ଚାଷ ଛାଡ଼ିବା
ଆନ୍ଧ୍ର ଗୋଆ ଛୁଟିବା,
ରୋଗେବାତେ ମରିଗଲେ
ଶବ ହୋଇ ଫେରିବା।
ରାଜନୀତି ଚାଲିବ
ଶବ ପୋଡ଼ା ନୋହିବ,
ମିଡ଼ିଆରେ ଖବରଟା
ଦିନରାତି ଚାଲିବ।
ଧୀରେ ଧୀରେ ଭୁଲିବେ
ଯେ ଝା ବାଟ ଧରିବେ,
ଏ ଦାଦନ ପରିବାର
ଭୋକେ ଶୋଷେ ମରିବେ।
ଗେହ୍ଲା ପୁଅ ମୋହର
ଘରୁ ହେବ ବାହାର,
ପୁଣି ସେଇ ଆନ୍ଧ୍ର ଗୋଆ
ପେଟ ପାଇଁ ନାଚାର।

ପ୍ରଧାନ ଗୁରୁଜୀ,
ଏସଏସଜିଏମ ଲିମସେର ,
ଗୋଲାମୁଣ୍ଡା,କଳାହାଣ୍ଡି

## ବିପ୍ଳବ ମାଷ୍ଟର



ବର୍ଷା ଟୋଲଟିଆ

ଥରେ ଗୋଟିଏ ସ୍କୁଲରେ ବିପ୍ଳବ ମିଶ୍ର ନାମରେ ଜଣେ ଶିକ୍ଷକ ଥିଲେ। ସେ ଦଶ ବର୍ଷ ହେଲା ସେହି ବିଦ୍ୟାଳୟରେ ଶିକ୍ଷକ ଭାବରେ ବେଶ୍ ପରିଚିତ। ତାଙ୍କର ଦରମା ହେଉଛି ମାସକୁ ଦଶ ହଜାର ଟଙ୍କା। ଘରେ ସ୍ତ୍ରୀ ଓ ପୁଅ ଟିଏ। ନିଜ ଘରର ଖର୍ଚ୍ଚ ବାବଦକୁ କିଣା ବିକାରେ ଅତି କଷ୍ଟରେ ଚାଲିଯାଆନ୍ତି। ଘରକୁ ପ୍ରତି ମାସରେ ପାଞ୍ଚ ହଜାର ଟଙ୍କା ପଠାଇବାକୁ ପଡେ। ସେଥିରୁ ଟଙ୍କାଟିଏ ବି ଊଣା ହେଲେ ଚଳିବା କଷ୍ଟ। ସେଥିରେ ପୁଣି ତାଙ୍କ ପୁଅ ପ୍ରକାଶ ଭୁବନେଶ୍ୱରରେ ପାଠ ପଢେ ଆଉ ବାକି ଜିନିଷ ଖର୍ଚ୍ଚରେ ଅଧା ଟଙ୍କା ଖର୍ଚ୍ଚ ହୋଇଯାଏ। ଦିନେ ଦିନେ ତାଙ୍କ ବାପା ପୁଅକୁ ପାଠ ପଢ଼ାଇବା ପାଇଁ ଉପାସ ମଧ୍ୟ ରହିଯାନ୍ତି। ଦିନେ ହେଡ୍ ମାଷ୍ଟର ତାଙ୍କ ଘରକୁ ଆସି କହିଲେ ବିପ୍ଳବ ମିଶ୍ର ତୁମର ଷାଠେ ବର୍ଷ ହୋଇଗଲାଣି, ତୁମେ ଆଉ ଚାକିରି କରିପାରିବ ନାହିଁ। ଏ କଥା ଶୁଣି ବିପ୍ଳବ ମିଶ୍ର ଭାବିଲେ ଚାକିରି ଚାଲିଗଲେ ସଂସାର ଚଳିବ କିପରି ? ପୁଅର ପାଠପଢା ବନ୍ଦ ହୋଇଯିବ। ସେ ପିଲା ଦିନରୁ ତାଙ୍କ ପୁଅକୁ ନେଇ ଉଚ୍ଚ ଆଶା ଭରି ଦେଇଥିଲେ ଯେ ତାଙ୍କ ପୁଅ ପ୍ରକାଶ ପାଠପଢି ଡାକ୍ତର ହେବେ। ସେଥିପାଇଁ ସେ ଇଂରାଜୀ ପାଠ ପଢ଼ାଉଥିଲେ। ଚାକିରି କଥା ଭାବି ଭାବି ଦିନେ ଦିନେ ରାତିରେ ନିଦ ହୁଏ ନାହିଁ। ଦିନେ ଘରଠାରୁ ଫୋନ ଆସିଲା ପ୍ରକାଶର ମାଆର ସନ୍ନିପାତ ରୋଗ ବିପ୍ଳବ ମିଶ୍ର ସଙ୍ଗେ ସଙ୍ଗେ ଯାଇ ଘରେ ପହଞ୍ଚିଲେ । ତାଙ୍କ ସ୍ତ୍ରୀଙ୍କ କଥା ପ୍ରାୟ ଶେଷ ହେବାକୁ ବସିଲାଣି। ତାଙ୍କ ସ୍ତ୍ରୀ ବିପ୍ଳବ ମିଶ୍ରଙ୍କ ପାଦ ଧୂଳି ନେଇ ମୃତ୍ୟୁବରଣ କଲେ। ମିଶ୍ର ମାଷ୍ଟର ନିଜ ପୁଅକୁ ଧରି ଭୁବନେଶ୍ୱର ଆସିଗଲେ। ଘରେ ଥିବା ଲୁହା ,କଂସା, ବାସନ କୁସନ ସବୁ ବିକି ଖାଇଲେ। ପ୍ରକାଶ ସବୁବେଳେ ବାପାଙ୍କୁ କହେ, ଧାରଉଧାର କରି ପାଠ ପଢାଅ ଚାକିରି କଲେ ସବୁ ସୁଝିଦେବି। ପ୍ରକାଶ ଡାକ୍ତର ପରୀକ୍ଷାରେ ପାସ କଲା ଓ ଡାକ୍ତର ହେଇଗଲା। ପ୍ରକାଶର ଦରମା ମାସକୁ ପଚାଶ ହଜାର ଟଙ୍କା। ପ୍ରଥମ ମାସର ଟଙ୍କା ବାପାଙ୍କ ହାତରେ ଆଣି ଧରାଇ ଦେଲେ ବାପା ଖୁସି ହୋଇଗଲେ ଓ ବଜାରକୁ ଯାଇ ଆବଶ୍ୟକୀୟ ସବୁ ସାମଗ୍ରୀ ଜିନିଷ କିଣି ଆଣିଲେ। କିଛି ଦିନ ପରେ ପ୍ରକାଶର ବାପା ବିବାହ କରିଦେଲେ। ପ୍ରକାଶ ଯେତେବେଳେ ଦରମା ଟଙ୍କା ଦେବାକୁ ନିଜ ବାପା ପାଖକୁ ଗଲେ, ତା' ସ୍ତ୍ରୀ ଗୀତା ବାପାଙ୍କୁ ପଇସା ଦେବାକୁ ମନା କରିଦେଲା। ସେଥିପାଇଁ ସେହି ଦିନଠାରୁ ପ୍ରକାଶ ଆଉ ତା' ବାପା ମିଶ୍ର ମାଷ୍ଟରଙ୍କୁ ଟଙ୍କା ଦେଲା ନାହିଁ। ଖାଇବା ପାଇଁ ମଧ୍ୟ ଭଲ ଭାବରେ ଦେଲା ନାହିଁ, ବାପାଙ୍କ ସେବା କଲା ନାହିଁ। ତା ' ସ୍ତ୍ରୀ ଗୀତା କହିଲା,'ଏହି ବୁଢ଼ା ଯଦି ଏହି ଘରେ ରହିବ ତା ହେଲେ ମୁଁ ଏହି ଘରେ ରହିବି ନାହିଁ '। ଶେଷରେ ବୁଢ଼ାଟିକୁ ଘରୁ ବାହାର କରିଦେଲେ। ବୁଢ଼ା ମିଶ୍ର ମାଷ୍ଟର ନିଜ ଭିଟାମାଟି ଗାଁକୁ ଚାଲିଗଲେ। ଗାଁରେ ନିଜ ଜମିକୁ ଚାଷ କାମରେ ଲଗାଇ ଫସଲ ପାଇ ଆରାମରେ ଘର ଖର୍ଚ୍ଚରେ ଚଳିଲେ। କିଛି ଦିନ ଏମିତି ମିଶ୍ର ମାଷ୍ଟର ଖୁସିରେ ଦିନ କାଟିଲେ। ହେଲେ ଭାଗ୍ୟର ବିଚିତ୍ର ଖେଳ କିଏ କହିପାରେ। ସନ୍ଧ୍ୟା ସମୟରେ ରାସ୍ତାରେ ଯାଉଥିବା ବେଳେ ଅଚାନକ ଗୋଟେ ଟ୍ରକ ଗାଡ଼ିରେ ଦୁର୍ଘଟଣା ଘଟିଲେ, ହସ୍ପିଟାଲକୁ ଚିକିତ୍ସା ପାଇଁ ନେଉ ନେଉ ବାଟରେ ବୁଢ଼ାର ପ୍ରାଣ ଛାଡ଼ିଗଲା। ଗାଁ ଭାଇ କୁଟୁମ୍ବ ଶ୍ମଶାନକୁ ନେଇ ନିଆଁରେ ପୋଡ଼ିଦେଲେ। ପ୍ରକାଶ ନିଜ ବାପା ମଲାପରେ ନିଆଁ ଟିକେ ବି ଦେଇ ପାରିଲା ନାହିଁ।

*ଅଷ୍ଟମ ଶ୍ରେଣୀ ଛାତ୍ରୀ*
*ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର,*
*ଲିମସେର,*
*ଗୋଲାମୁଣ୍ଡା, କଳାହାଣ୍ଡି*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Sunday September 14 ଭୁବନେଶ୍ୱର ରବିବାର, ୧୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଶ୍ରେଷ୍ଠ ଆଲୁମ୍ନି ପ୍ରାକ୍ତନ ଛାତ୍ର ଇଞ୍ଜିନିୟର ପ୍ରଶାନ୍ତ ଆଚାର୍ଯ୍ୟ ସମ୍ମାନିତ



ଭୁବନେଶ୍ୱର,(ପି.ଏନ): ବୁର୍ଲାରେ ଭିସୁଟ ବା ରାଜ୍ୟର ସର୍ବପ୍ରଥମ ବୈଷୟିକ ବିଦ୍ୟା ଅନୁଷ୍ଠାନ ର ଷୋଳତମ ସମାବର୍ତ୍ତନ ଉତ୍ସବ ଏଇ ମାସ ତେର ତାରିଖ ଦିନ ଅନୁଷ୍ଠିତ ହେଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମ ପତି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ସ୍ୱାଇଁ, କ୍ରୀଡା, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ଐତିହାସିକ ଶିକ୍ଷାନୁଷ୍ଠାନର ମହିମା ଗାନ କରିଥିଲେ । ବିଭିନ୍ନ ବିଭାଗର ସଫଳ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ, ସ୍ଥାପନା ଠୁ ଆଜି ଯାଏଁ ଶ୍ରେଷ୍ଠ ଆଲୁମ୍ନି ଭାବରେ ପ୍ରାକ୍ତନ ଛାତ୍ର ଇଞ୍ଜିନିୟର ପ୍ରଶାନ୍ତ ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ଶ୍ରୀଯୁକ୍ତ ଆଚାର୍ଯ୍ୟ ଜଣେ ସଫଳ ବ୍ୟବସାୟୀ, ସୁଲେଖକ, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଅଟନ୍ତି । ତାଙ୍କୁ ମହା ମହିମ ରାଜ୍ୟପାଳ ସମ୍ମାନିତ କରିବା ଅବସରରେ ସେ ତାଙ୍କ ପ୍ରତିକ୍ରିୟା ରଖି କହିଥିଲେ -ମୋର ବୁର୍ଲାରୁ ବିଦାୟ ନେବା ୪୦ ବର୍ଷ ହେଇଗଲା । ବୁର୍ଲା ସିନା ମୋତେ ବିଦାୟ ଦେଇଦେଲା । ମୁଁ କିନ୍ତୁ ଏଯାଏଁ ମୋ ହୃଦୟରୁ ବୁର୍ଲାକୁ ବିଦାୟ ଦେଇ ପାରିନି କ୍ଷ କହନ୍ତି ୪୦ ବର୍ଷ ପରେ ମଣିଷକୁ ଭଲ ଦିଶେନି । ତାକୁ ଚାଳିଶିଆ ହେଇ ଯାଏ । କିନ୍ତୁ ବୁର୍ଲା ଛାଡିବାର ୪୦ ବର୍ଷ ପରେ ମଧ୍ୟ ମୋ ଆଖିକୁ ବୁର୍ଲାର ସବୁ କିଛି ଆଜି ସ୍ୱଷ୍ଟ ଦିଶୁଚି । ଆମ କ୍ଲାସ ରୁମ, ଆମ ସାଙ୍ଗ ସାଥୀ, ଆମ ହଷ୍ଟେଲ ସବୁ କିଛି ।

## ୧୮ରେ ବିଧାନସଭା ଘେରାଉ କରିବ ମିଳିତ ଏନପିଏସ ମାଧ୍ୟମିକ ଶିକ୍ଷକ ସଙ୍ଘ



କେନ୍ଦ୍ରାପଡ଼ା,(ପି.ଏନ): ମିଳିତ ଏନପିଏସ ମାଧ୍ୟମିକ ଶିକ୍ଷକ ସଙ୍ଘ,କେନ୍ଦ୍ରାପଡା ସଂଗଠନ କେନ୍ଦ୍ରାପଡା ଜିଲ୍ଲାର ମାଧ୍ୟମିକ ସରକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ୪ଦଫା ଦାବି ପୁରଣ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଜିଲ୍ଲାପାଳ ରଘୁରାମ ଆର.ଆୟାର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ, ଦିପ୍ତୀ ନାୟକ ଓ ଶୁଭସ୍ମିତା ତ୍ରିପାଠୀଙ୍କୁ ଜିଲ୍ଲା ମିଳିତ ମ ଏନପିଏସ ସଙ୍ଘ ପକ୍ଷରୁ କର୍ମକ ର୍ା ଓ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଶିକ୍ଷକମାନଙ୍କ ଚାକିରୀ ଆରମ୍ଭରେ ହୋଇଥିବା ୬ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରୀ ସହିତ ଗଣନା କରିବା,ବାକିଥିବା ୬ଗୋଟି ନୋସନାଲ ଇନକ୍ରିମେ ପ୍ରଦାନ କରିବା, ସରକାରୀ ମାଧ୍ୟମିକ ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କର କ୍ୟାଡର ପୁନର୍ଗଠନ କରିବା, ଚାକିରୀ ଆରମ୍ଭରୁ ୨୮ଶହ ଗ୍ରେଡପେ ପରିବର୍ତ୍ତେ ୪୨ଶହ ଓ ୪୨ଶହ ପାଉଥିବା ଶିକ୍ଷକମାନଙ୍କୁ ୪୬ଶହ ଗ୍ରେଡପେ ପ୍ରଦାନ ଏବଂ ୨୦୧୬ବ୍ୟାଚର ନିୟମିତ ହୋଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବକେୟା ପାଉଣା ପ୍ରଦାନ କରିବା ପ୍ରଭୃତି ଦାବି ରହିଛି । ଆସନ୍ତା ୭ଦିନ ମଧ୍ୟରେ ଯଦି ଦାବି ଗୁଡିକ ପୁରଣ କରାନଯାଏ ତେବେ ଆସନ୍ତା ୧୮ତାରିଖରେ ସଙ୍ଘର ଶିକ୍ଷକ,ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ବିଧାନସଭା ଘେରାଉ କରାଯିବ ବୋଲି ଜିଲ୍ଲା ମିଳିତ ଏନପିଏସ ମାଧ୍ୟମିକ ଶିକ୍ଷକ ସଙ୍ଘର ଆବାହକ ମହେଶ୍ୱର ସାହୁ, ସୁଭ୍ରଜ କୁମାର ବରାଳ, ହେମନ୍ତ କୁମାର ରାଉତ, ପ୍ରଶାନ୍ତ କୁମାର ଦାସ, ନିର୍ମଳ କୁମାର ସ୍ୱାଇଁ, ରଞ୍ଜନ କୁମାର ମଲ୍ଲିକ, କଲ୍ୟାଣୀ ସ୍ୱାଇଁ, ମାଧୁରୀ ଭଦ୍ର, ସ୍ୱାଗତିକା ମହାନ୍ତି, ସନ୍ଧ୍ୟା କାନୁନଗୋ, ରଶ୍ମୀତା ଦାସ, ପ୍ରତାପ କୁମାର ସାମଲ, ଲାଲବାବୁ ଖାଁ, ଦେବେନ୍ଦ୍ର ପଣ୍ଡା, ସବନମ୍ ଆରା, ସେକ ସନୱାର, ମୂରଲୀଧର ଦାସ, ସତ୍ୟାନନ୍ଦ ବେଜ, ଆଶୁତୋଷ ମହାନ୍ତି, ଶୁଭେନ୍ଦୁ ନାୟକ, କେଦାରନାଥ ଦାସ, ଅପରାଜିତା ପାତ୍ର, ଶୁଭଲକ୍ଷ୍ମୀ ସାମଲ, ଶୁଭାଶିଷ ଗୋଛାୟତ, ଜ୍ୟୋତିର୍ମୟୀ ନାୟକ, ସପନ କୁମାର ବେହେରା, ସୁଧାଂଶୁ କୁମାର ଷଡଙ୍ଗୀ, ସ୍ନିଗ୍ଧା ସୁଚରିତା ମଲ୍ଲିକ, ଗଜେନ୍ଦ୍ର ପ୍ରସାଦ ସେଠୀ, ଶିବ ପ୍ରସାଦ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରି ମିଳିତ ଭାବେ ଚେତାବନୀ ଦେଇଛନ୍ତି ।

## କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ- ଉଦଘାଟନ କରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ

ପାରାଦୀପ,(ପି.ଏନ): ପାରାଦୀପ ଠାରେ ନଭେମ୍ବର ମାସ ୪ତାରିଖରୁ ସପ୍ତାହେ ବ୍ୟାପି କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ ବୋଲି ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପ୍ରସ୍ତିତି ବୈଠକରେ ପ୍ରସ୍ତାବ ଦେଇଥିଲେ । ଚଳିତ ବର୍ଷ ବାଲିଯାତ୍ରା ମହୋତ୍ସବକୁ ସରସ କରିବା ପାଇଁ ସରକାରୀସ୍ତରରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ମାନ୍ୟବର ମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ପ୍ରସ୍ତୁତି ବୈଠକରେ ପୌରହିତ୍ୟ କରିଥିଲେ କମିଟିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ । ଏହି ମହୋତ୍ସବରେ ଆଇନଶୃଙ୍ଖଳା ପରିସ୍ଥିତିରେ ସମସ୍ତ ପ୍ରକାରର ସହଯୋଗ କରିବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା କହିଛନ୍ତି । ସ୍ଥାନୀୟ ପୋଲିସ ସମେତ ଜିଲ୍ଲା ପୋଲିସ୍, ପାରାଦୀପ ଅଂଚଳର ସମସ୍ତ ଥାନା ଅଧିକାରୀ, ପାରାଦୀପ ଏଏସପି, ରାଜ୍ୟ ପୋଲିସ୍ ମୁଖ୍ୟାଳୟର ସହାୟତା ନିଆଯିବ ବୋଲି ଏସପି ଶ୍ରୀ ବର୍ମା କହିଥିଲେ । ବାଲିଯାତ୍ରା ଅଂଚଳର ପରିମଳ ବ୍ୟବସ୍ଥାର ସମସ୍ତ ଦାୟିତ୍ୱ ପାରାଦୀପ ପୌରପାଳିକା ନିର୍ବାହ କରିବ ବୋଲି ନଗରପାଳ ବସନ୍ତ ବିଶ୍ୱାଳ କହିଛନ୍ତି । ବାଲିଯାତ୍ରା ପଡିଆରେ ଦିବାରାତ୍ର ସଫେଇ କାର୍ଯ୍ୟ ପୌରପାଳିକା ନିର୍ବାହ କରିବ । ଏହି ପ୍ରସ୍ତୁତି ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପାରାଦୀପ ଏଡିଏମ୍ ନିରଂଜନ ବେହେରା । ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ସମ୍ବିତ ରାଉତ, ସିଡିଓ ରବି ନାରାୟନ ଜେଠୀ, ପାରାଦୀପ ଏଏସପି ସ୍ମୃତିରଂଜନ କର, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଏହି ବୈଠକରେ ଯୋଗ ଦେଇଥିଲେ । ବାଲିଯାତ୍ରା କମିଟିର ସଦସ୍ୟ, ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧି, ସାମ୍ବାଦିକ ଏହି ପ୍ରସ୍ତିତି ବୈଠକରେ ଯୋଗ ଦେଇଥିଲେ ।

## ଶିଳ୍ପମନ୍ତ୍ରୀ ଜିଲ୍ଲା ଟ୍ରକ୍ ମାଲିକ ସଂଘରେ ବିଭ୍ରାଟ ସୃଷ୍ଟି କରୁଛନ୍ତି- ସନ୍ତୋଷ ପଟ୍ଟନାୟକ

ପାରାଦୀପ,(ପି.ଏନ): ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘର କାର୍ଯ୍ୟରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରୀ କଳକୁ ଅପବ୍ୟବହାର କରି ବିଭ୍ରାଟ ସୃଷ୍ଟି କରୁଥିବା ନେଇ ଗୁରୁବାର ଦିନ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ । ସଂଘ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଦେଇ ସଠିକ୍ ଭାବେ କାର୍ଯ୍ୟ କରୁଛି । ଗତ ନଭେମ୍ବର ମାସ ୨୪ ତାରିଖ ଦିନ ମନୋନୟନ ମାଧ୍ୟମରେ କର୍ମକର୍ତ୍ତା ମନୋନୀତ ହୋଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସଂଘର ପଂଜୀକରଣ ବୈଧତା ନଥିବା ନେଇ ସୂଚନା ଦେଇଥିଲେ । ଏ ସମ୍ପର୍କରେ ସଂଘ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେଇଥିଲେ । ସଂଘ ଉଚ୍ଚ ନ୍ୟାୟାଳୟରେ ପଂଜୀକରଣ ସମ୍ପର୍କିତ ସମସ୍ତ ଦସ୍ତାବିଜ ଦାଖଲ କରାଯାଇଥିଲା । ଗତ ୮ ତାରିଖ ଦିନ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ସଂନ୍ଧ୍ୟାରେ ସଂଘର ଓରିଜିନାଲ କାଗଜପତ୍ର ୯ତାରିଖ ଦିନ ଦାଖଲ କରିବାକୁ କହିଥିଲେ । ସଂଘର କର୍ମକର୍ତ୍ତା କାଗଜପତ୍ର ନେଇ ପହଂଚିବା ବେଳକୁ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ନଥିଲେ । ଏସମ୍ପର୍କରେ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ବେଳେ ଚୂଡାନ୍ତ ରାୟକୁ ସଂଘ ଅପେକ୍ଷା କରିଥିବା ନେଇ ସଭାପତି ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି । ଏହି ସମସ୍ତ ବିଭ୍ରାଟ ପଛରେ ମାନ୍ୟବର ମନ୍ତ୍ରୀଙ୍କ ହାତ ଥିବା ସେ କହିଛନ୍ତି ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଗୁରୁ ପୂଜନୋତ୍ସବ ପାଳିତ

ଭୁବନେଶ୍ୱର,(ପି.ଏନ): ଆମ ସମାଜରେ ଗୁରୁଙ୍କ ଆସନ ବହୁ ଉଚ୍ଚରେ ଅଟେ । ବାପା ମାଆଙ୍କ ପରେ ଗୁରୁ ହିଁ ଛାତ୍ରଛାତ୍ରୀଙ୍କ ସଦାସର୍ବଦା ମଙ୍ଗଳ କାମନା କରିଥାନ୍ତି । ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନୈତିକ ଅଧୋଗତି ତଥା ମୂଲ୍ୟବୋଧର ଅବକ୍ଷୟ ଘଟିବା ସହିତ ଗୁରୁଶିଷ୍ୟ ପରମ୍ପରା ହଜିଯିବାକୁ ବସିଲାଣି । ଏପରି ସ୍ଥଳେ ନୈତିକତାକୁ ଆପଣେଇବା ସହ ଗୁରୁଶିଷ୍ୟ ପରମ୍ପରାକୁ ବଜାୟ ରଖିବା ପାଇଁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଛାତ୍ରଛାତ୍ରୀଙ୍କ ଦ୍ୱାରାନିଆରା ଗୁରୁ ପୂଜନୋତ୍ସବ ପାଳିତ ହୋଇଯାଇଛି । ଏହି ଗୁରୁ ପୂଜନ କାର୍ଯ୍ୟକ୍ରମ ଅବସରରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ, ଡ. ବନମାଳୀ ପାଣିଗ୍ରାହୀ, ଡ. ମନୋରଞ୍ଜନ ବିଷୋୟୀ, ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ମଂଚାସୀନ ଥିଲେ । ପ୍ରଥମେ ମଂଚାସୀନ ଗୁରୁମାନେ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପଦବନ୍ଦନା କରାଯିବା ସହ ପୁଷ୍ପ,ସିନ୍ଦୁର, ଚନ୍ଦନ,ଦୀପ ଦେଇ ମଂଚାସୀନ ଗୁରୁମାନଙ୍କୁ ବନ୍ଦାପନା କରାଯାଇଥିଲା କ୍ଷ ଏହାସହ ବିଭାଗ ପକ୍ଷରୁ ଶକ୍ତିକାପୁର, ରତିରମଣ, ରୋଜାରାଣୀ, ନମିତା, ପୁଷ୍ପାଞ୍ଜଳି, ଗୁଲେକଚନ, ଅପରାଜିତା, ନୀଳିମା, ପ୍ରଭାସ, ସୁମନ, ପ୍ରିନ୍ସ, ଗୌରୀ, ଓମପ୍ରକାଶ, ଶୁଭସ୍ମିତା, ସୁଜ୍ଞାନୀ ପ୍ରମୁଖ ଛାତ୍ରଛାତ୍ରୀ ଗୁରୁ ପୂଜନ ଉତ୍ସବର ମହତ୍ୱ ଓ ଗୁରୁ ହିଁ ଛାତ୍ରଛାତ୍ରୀଙ୍କ ପଥପଦର୍ଶକ ବୋଲି ନିଜ ନିଜ ମତବ୍ୟକ୍ତ କରିଥିଲେ ।। ଏବଂ ମଂଚାସୀନ ଗୁରୁମାନେ ମଧ୍ୟ ଛାତ୍ରଛାତ୍ରୀଙ୍କ ମଙ୍ଗଳ ବିଧାନ ପୂର୍ବକ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଏହି ଗୁରୁ ପୂଜନ କାର୍ଯ୍ୟକ୍ରମ ଅବସରରେ ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ଗୁରୁ ମାନଙ୍କ ଆଶୀର୍ବାଦ କାମନା କରିଥିଲେ । ଶେଷରେ ଛାତ୍ରୀ ଲକ୍ଷ୍ମୀପ୍ରିୟା ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଏଭଳି ଏକ ନିଆରା କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁରୁ ସୁମନ, ପ୍ରିନ୍ସ,ଦୀପକ, ସରୋଜ, ଲିପିକା, ଜ୍ୟୋତ୍ସ୍ନା, ଡମ୍ବରୁ, ସିଦ୍ଧାନ୍ତ, ଗୁଲେକଚନ,ରଘୁନାଥ, ତପନ, ଶେଖର, ଶରତ, ଇତିଶ୍ରୀ, ମଧୁ, ରାଜଶେଖର ପ୍ରମୁଖ ବହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ଆଇନଜୀବୀ ପ୍ରଦୀପ୍ତ ମହାପାତ୍ରଙ୍କ ବିୟୋଗରେ ଶୋକସଭା

ପାରାଦୀପ,(ପି.ଏନ): ପାରାଦୀପ ବାର୍ ଆସୋସିଏସନ୍ର ସଦସ୍ୟ ପ୍ରଦୀପ୍ତ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପାରାଦୀପ ପୋର୍ଟ କ୍ଲବ୍ ପରିସରରେ ଏକ ଶ୍ରଦ୍ଧାଂଜଳୀ ସଭା ଅନୁଷ୍ଠିତ ହୋଇଥିଲା । ଆସୋସିଏସନ୍ର ସଭାପତି ତଥା ଓଡିଶା ହାଇକୋର୍ଟର ଏଜିଏ ତପନ କୁମାର ଦାଶ ସଭାପତିତ୍ୱ କରିଥିଲେ । ସମ୍ପାଦକ ହେମନ୍ତ କୁମାର ସାହୁ, ବରିଷ୍ଠ ସଦସ୍ୟ ଦୂର୍ଯ୍ୟୋଧନ ରଣା, ଅନ୍ୟତମ ଉପସଭାପତି କୈଳାସ ଚନ୍ଦ୍ର ସାହୁ, ରବିନ୍ଦ୍ର କୁମାର ଜେନା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପ୍ରଦୀପ୍ତ ମହାପାତ୍ରଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ଶ୍ରଦ୍ଧାଂଜଳୀ ସଭାରେ ଗୋପୀନାଥ ମଲ୍ଲ, ରବିନ୍ଦ୍ର ନାଥ ସ୍ୱାଇଁ, ସଂଜୀବ ଦେ, ପ୍ରିୟବ୍ରତ ଲେଙ୍କା, ଧମ୍ବରୁଧର ବିଶ୍ୱାଳ, ସଦାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ ।

## ନୂଆଁଖାଇ ଭେଟଘାଟ ସଭା ଓ ଏକ ଦିନିଆ ତାଲିମ ଶିବିର ଆୟୋଜିତ



ଗୋଲାମୁଣ୍ଡା (ପି ଏନ): ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଜୀଙ୍କ ବାଙ୍ଗାଲୋର ଆର୍ଟ ଅଫ ଲିଭିଂ ରୁ ବୈଦିକ ବେଦ ବିଜ୍ଞାନ ବିଦ୍ୟାପୀଠ ଦ୍ୱାରା ପରିଚାଳିତ ଓଡିଶାର ବିଭିନ୍ନ ଏସଏସଜିଏମ ଗୁଡ଼ିକ ମଧ୍ୟରୁ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକର ଲିମସେର, ଧର୍ମଗଡ଼ ବ୍ଲକର ତମ୍ଭାଛଡ଼ା, ତାରାପୁର ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିରର ଗୁରୁଜୀ ଓ ଗୁରୁମାତାମାନଙ୍କୁ ନେଇ କଳାହାଣ୍ଡି ଜିଲ୍ଲାର ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ସଂଯୋଜକ ତଥା ପରିଚାଳକ ଶ୍ରୀ ଯୁକ୍ତ ଜୀବନ ଜ୍ୟୋତିଙ୍କ ନେଗିଙ୍କ ଆହ୍ୱାନ କ୍ରମେ ତମ୍ଭାଛଡା ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିରଠାରେ ନୂଆଁଖାଇ ଭେଟଘାଟ ସଭା ତଥା ଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତିନୋଟି ଏସଏସଜିଏମ ବିଦ୍ୟାଳୟର ସମସ୍ୟା ତଥା ଶିକ୍ଷକଙ୍କ ଶିକ୍ଷାଦାନ ଅନୁଭୁତି ମୂଳକ ଶିକ୍ଷାର ତୃଟି ସଂଶୋଧନ ସକାଶେ ତାଲିମ ଦିଆଯାଇଛି । ଏଥିରେ ତମ୍ଭାଛଡ଼ାର ପବିତ୍ର ସୁନାନି ଓ ତାରାପୁରର ଚୈତନ୍ୟ ଶବର ଗୁରୁଜୀଦ୍ୱୟ ଏକ ଏକ ଡେମୋ କ୍ଲାସ ପ୍ରଦାନ କରିଥିବା ଦୃଶ୍ୟ ପ୍ରତିଫଳିତ ହୋଇ ଥିବାବେଳେ ସେଥିରୁ ଶିକ୍ଷାର୍ଥି କେନ୍ଦ୍ରିକ ଶିକ୍ଷାଦାନ ଉପରେ ଶ୍ରୀ ଯୁକ୍ତ ନେଗୀ ମହାଶୟ ଗୁରୁତ୍ୱ ଦେଇ ଶିକ୍ଷା ପ୍ରଦାନ କରିଥିଲେ । ପୁଣି ଗୁରୁଜୀ ଓ ଗୁରୁମାତାମାନେ କିପରି ଛାତ୍ର ଛାତ୍ରୀଙ୍କୁ ବୌଦ୍ଧିକ, ଶାରୀରିକ, ନୈତିକ, ଆଧ୍ୟାତ୍ମିକ ବିକାଶ ହୋଇ ପାରିବ ତାହା ପୁଙ୍ଖାନୁପୁଙ୍ଖ ଭାବରେ ପ୍ରଶିକ୍ଷଣ ଦେଇଥିଲେ । ସର୍ବ ପ୍ରଥମେ ଶ୍ରୀ ଯୁକ୍ତ ନେଗି ମହାଶୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଜୀ ତଥା ବିଦ୍ୟାଦାତ୍ରୀ ମାତା ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଧୂପଦୀପ ପ୍ରଜ୍ୱଳନ କରି ନଡ଼ିଆ ଭଗ୍ନ କରାଯାଇ ଗୁରୁପୂଜା କରାଯାଇଥିଲା । ତମ୍ଭାଛଡାର ବରିଷ୍ଠ ସହଯୋଗୀ ଗୁରୁଜୀ ସଞ୍ଜୟ ସେନାପତି, ବବୃବାହାନ ସେନାପତି, ମାୟାଧର ବଗର୍ତ୍ତୀ, ମହେଶ୍ୱର ହଂସ, ଗୁରୁମା ନିଲେନ୍ଦ୍ରି ନାଏକ ତରଙ୍ଗ ମାଝି, ବଣ୍ଟି ପଟେଲ, ଟୁନି ପଟେଲ, ପ୍ରଫୁଲ୍ଲ ମାଝି ଗୁରୁଜୀ ଓ ଗୁରୁମାତାମାନେ ବୈଦିକ ରୀତି ନୀତି ପରମ୍ପରା ଅନୁସାରେ ଶ୍ରୀ ଯୁକ୍ତ ନେଗୀ ମହାଶୟଙ୍କୁ ବନ୍ଦାପନା କରିବା ସହିତ ଆସିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅତିଥି ସଂସ୍କାର କରିଥିଲେ । ତମ୍ଭାଛଡାର ପ୍ରଧାନ ଗୁରୁଜୀ ନିରାକାର ବାଗ ସଭା ଓ ତାଲିମ କାର୍ଯ୍ୟର ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଶୁଭାରମ୍ଭ କରାଯାଇଥିଲା । ପୁଣି ଶ୍ରୀ ଯୁକ୍ତ ନେଗିଙ୍କୁ ଶିକ୍ଷଣ କାର୍ଯ୍ୟର ଉପାଦାନରେ ଉଦ୍ଦେଶ୍ୟ, ଆଗ୍ରହ, ଆହ୍ୱାନ, ମାଧ୍ୟମ, ଶିକ୍ଷଣ ଉପକରଣ, ବ୍ୟକ୍ତିଗତ କାର୍ଯ୍ୟ, ଦଳଗତ କାର୍ଯ୍ୟ,ସକ୍ରିୟ ଅଂଶ ଗ୍ରହଣ, ମୂଲ୍ୟାଙ୍କନ ଆଦି ପ୍ରାଧାନ୍ୟ ଦେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ଲିମସେର ପ୍ରଧାନ ଗୁରୁଜୀ ସରୋଜ କୁମାର ଟୋଲଟିଆ, ତାରାପୁର ପ୍ରଧାନ ଗୁରୁଜୀ ଚନ୍ଦ୍ରମଣି ଶବର, ଲିମସେରର ବରିଷ୍ଠ ସହଯୋଗୀ ଗୁରୁଜୀ ମଣ୍ଟୁ ଛତ୍ରିଆ, ଜଗଜ୍ଜୀବନ ସା, କୃଷ୍ଣ ମଶ୍ରା, ତାରାପୁରର ବରିଷ୍ଠ ସହଯୋଗୀ ଗୁରୁଜୀ କୃଷ୍ଣ ଚନ୍ଦ୍ର ଶବର, ଚୈତନ୍ୟ ଶବର, ଉପେନ୍ଦ୍ର ନାଏକ, ଯୁଗେନ୍ଦ୍ର ଧଙ୍ଗଡାମାଝି ଭୂପେନ୍ଦ୍ର ଧଙ୍ଗଡାମାଝି , ଗୁରୁମାତା ରିତାଞ୍ଜଳି ମିଶ୍ର ତଥା ଅନ୍ୟାନ୍ୟ ନୂତନ ଗୁରୁଜୀ ଓ ଗୁରୁମାତାମାନେ ତାଲିମ ପ୍ରଶିକ୍ଷଣ ନେଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray